ବର୍ଷ-୨୫, ସଂଖ୍ୟା-୧୯
ଭୁବନେଶ୍ୱର
୧୯, ଜାନୁଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 19
Bhubaneswar
19 January, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୮।୧ (ମହାଭାରତ):** ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପରିପ୍ରେକ୍ଷୀରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମ ସରକାର ମାତ୍ର ସାତ ମାସ ମଧ୍ୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇ ଆମ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି । ବର୍ତ୍ତମାନର ବିଭିନ୍ନ ଆହ୍ୱାନର ମୁକାବିଲା କରିବା ସହିତ ସାଢେ ଚାରିକୋଟି ଓଡିଶାବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏକ ସ୍ପଷ୍ଟ ରୂପରେଖ ପ୍ରସ୍ତୁତ କରୁଛୁ । ଭବିଷ୍ୟତର ରୂପରେଖ ମଧ୍ୟରେ ଆମର ଲକ୍ଷ୍ୟ ହେଉଛି, ୨୦୩୬ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ପ୍ରମୁଖ ଗ୍ରୋଥ୍ ଇଞ୍ଜିନ୍ ଭାବରେ ଗଢି ତୋଳିବା । ସେହି ଲକ୍ଷ୍ୟ ନେଇ, ଆମେ ରାଜ୍ୟର ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ନିବେଶ କରିବା ସହିତ ଦେଶ ଓ ସାରା ବିଶ୍ୱର ପ୍ରମୁଖ ନିବେଶକମାନଙ୍କୁ ଓଡିଶାରେ ପୁଞ୍ଜି ନିବେଶ କରିବା ପାଇଁ ନିମନ୍ତ୍ରଣ କରୁଛୁ । ମୁଁ ଆମ ଟିମ୍ ଓଡିଶାର ନେତୃତ୍ୱ ନେଇ ଦିଲ୍ଲୀ ଓ ମୁମ୍ବାଇରେ ରୋଡ୍ ସୋ କରିବା ସହ ସିଙ୍ଗାପୁର ମଧ୍ୟ ଗସ୍ତ କରିଥିଲି । ସିଙ୍ଗାପୁରରେ ବିଭିନ୍ନ ଅଗ୍ରଣୀ ଶିଳ୍ପ ସଂସ୍ଥା ପରିଦର୍ଶନ କରିବା ସହ ଶିଳ୍ପପତିମାନଙ୍କ ସହ ଆଲୋଚନା କରିଥିଲି । ସିଙ୍ଗାପୁର ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ସହିତ ମଧ୍ୟ ଆଲୋଚନା କରିବା ସହିତ ସିଙ୍ଗାପୁର ରାଷ୍ଟ୍ରପତିଙ୍କୁ ଓଡିଶା ଆସିବାକୁ ନିମନ୍ତ୍ରଣ କରିଥିଲି ଏବଂ ସିଙ୍ଗାପୁର ରାଷ୍ଟ୍ରପତି ନିମନ୍ତ୍ରଣ ରକ୍ଷା କରି ଦୁଇଦିନିଆ ଓଡ଼ିଶା ଗସ୍ତ କରିଛନ୍ତି । ଯାହା ଓଡ଼ିଶାବାସୀଙ୍କ ପାଇଁ ସମ୍ମାନର ବିଷୟ । ଏହି ଗସ୍ତର ପ୍ରଭାବ ଅତ୍ୟନ୍ତ ସୁଦୂରପ୍ରସାରୀ ହେବ ।

ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଆମ ସରକାର, ସିଙ୍ଗାପୁର ସହିତ ୮ଟି ଗୁରୁତ୍ୱପୂର୍ଣ୍ଣ ଏମଓୟୁ କରିଛନ୍ତି । ଏହି ୮ଟି ଏମଓୟୁ ଦ୍ୱାରା ଆମେ ଓଡିଶା ପାଇଁ ୮ଟି କ୍ଲିଅର କଟ ଆଉଟକମ୍ ଲକ୍ଷ୍ୟ ରଖିଛୁ । ଏଗୁଡିକ କାର୍ଯ୍ୟକାରୀ ହେବା ପରେ ସମ୍ପୃକ୍ତ କ୍ଷେତ୍ର ଗୁଡିକରେ ଆମ ରାଜ୍ୟ ଓଡିଶା ବିଶ୍ୱର ଅଗ୍ରଣୀ ଦେଶ ମାନଙ୍କ ସହିତ ସମକକ୍ଷ ହୋଇପାରିବ । ଇଡକୋ ସହ ସିଙ୍ଗାପୁରର ସେମ୍ବକର୍ପର ଏମଓୟୁ ଜରିଆରେ ଓଡିଶାରେ ବିଶ୍ୱସ୍ତରୀୟ ମଲ୍ଟି ପ୍ରଡକ୍ଟ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା କରାଯିବା ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଏହି ପାର୍କ ଗୁଡିକରେ ଅତ୍ୟାଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯିବା ସହିତ ଏହି ପ୍ରୋଜେକ୍ଟ ଗୁଡିକ ଯେପରି ଦୀର୍ଘସ୍ଥାୟୀ ହେବ, ସେଥିପ୍ରତି ମଧ୍ୟ ସଦାସର୍ବଦା ଦୃଷ୍ଟି ଦିଆଯିବ । ଇପିକଲ୍ ସହିତ ମଧ୍ୟ ସେମ୍ବକର୍ପର ଏକ ଏମଓୟୁ ହୋଇଛି । ଏଥିରେ ପାରାଦୀପରେ ଏକ ଗ୍ରୀନ ସିପିଙ୍ଗ୍ କରିଡର୍ ଓ ଏକ ଗ୍ରୀନ ହାଇଡ୍ରୋଜେନ୍ ପ୍ଲାଣ୍ଟ ସ୍ଥାପନ କରାଯିବ । ଏହା ଦ୍ୱାରା ଭାରତର ଗ୍ରୀନ ଏନର୍ଜି କ୍ଷେତ୍ରରେ ଓଡିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରିପାରିବ ।

ଇପିକଲ୍ ଓ ସିଙ୍ଗାପୁରର ସୁରବନ୍ ଜୁରଙ୍ଗ୍ ମଧ୍ୟରେ ହୋଇଥିବା ଏମଓୟୁ ଅନୁଯାୟୀ ପାରାଦୀପ ପିସିପିଆଇର ଅଞ୍ଚଳର ବିକାଶ ପାଇଁ ଏକ ବିସ୍ତୃତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ । ଏଥିରେ ମୁଖ୍ୟତଃ ଦୀର୍ଘସ୍ଥାୟୀ ଏବଂ ନୀକରଣଯୋଗ୍ୟ ଶକ୍ତି ଓ ମୂଲ୍ୟ ଯୋଗ୍ୟ ଉତ୍ପାଦନ ଉପରେ ଫୋକସ୍ ରହିବ । ବିଡିଏ ଓ ସୁରବନ୍ ଜୁରଙ୍ଗ୍ ସହିତ ଯେଉଁ ଏମଓୟୁ ହୋଇଛି, ସେଥିରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ ସହରର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯିବ । ଅତ୍ୟାଧୁନିକ ସହରାଞ୍ଚଳ ଯୋଜନା ପ୍ରସ୍ତୁତ କରିବାରେ ସୁରବନ୍ ଜୁରଙ୍ଗ୍‌ର ଦକ୍ଷତା ଓ ଅଭିଜ୍ଞତା ଆମକୁ ନିଶ୍ଚୟ ସହାୟକ ହେବ ।

ଆମ ସରକାରଙ୍କ ଶକ୍ତି ବିଭାଗ ଭୁବନେଶ୍ୱର ଆଇଆଇଟି ଓ ସିଙ୍ଗାପୁରର ନ । ନ ୟ । ଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ମଧ୍ୟରେ ଏକ ତ୍ରି-ପାକ୍ଷିକ ଏମଓୟୁ କରାଯାଇଛି । ଏହାଦ୍ୱାରା ଭବିଷ୍ୟତରେ ଆମର ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ଗ୍ରୀନ ହାଇଡ୍ରୋଜେନ୍ ଓ ସୋଲାର୍ ଏନର୍ଜି ପରି ବିଭିନ୍ନ ବିକଳ୍ପ ସମାଧାନର ସୂତ୍ର ବାହାର କରାଯିବ । ଓଡିଶା ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସହିତ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସ ଓ ଟେକ୍ନୋଲୋଜି ନେଟ୍‌ୱାର୍କ୍ ଏବଂ ଜିଏଫଟିଏନ୍ ସହିତ ଯେଉଁ ଏମଓୟୁ ହୋଇଛି, ସେଥିରୁ ଆମେ ଫାଇନାନ୍ସିଆଲ୍ ଟେକ୍ନୋଲୋଜି ଇକୋସିଷ୍ଟମର ବିକାଶ କରିବା ପାଇଁ ଲକ୍ଷ୍ୟ ରଖିଛୁ । ଏହା ଦ୍ୱାରା ଫିନ୍ଟେକ୍ କ୍ଷେତ୍ରରେ ଅଧିକ ନିବେଶ ଆସିବ ଓ ଇନୋଭେସନ୍ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି ହେବ । ଦକ୍ଷତା କ୍ଷେତ୍ରରେ ଆମେ ଯଥେଷ୍ଟ ଅଗ୍ରଗତି କରିଛୁ । କିନ୍ତୁ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଶାରେ ଏକ ବିଶ୍ୱସ୍ତରୀୟ ଦକ୍ଷ କର୍ମଜୀବି ପ୍ରସ୍ତୁତ କରିବା ଆମର ଲକ୍ଷ୍ୟ । ଏଥିପାଇଁ ଦୁଇଟି ଏମଓୟୁ ହୋଇଛି । ଆମର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସିଙ୍ଗାପୁରର ଆଇଟିଇଇଏସ୍ ସହିତ ଗୋଟିଏ ଏମଓୟୁ କରିଛି । ନାନ୍ୟାଙ୍ଗ୍ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ସହିତ ଆଇଆଇଟି ଭୁବନେଶ୍ୱର ଏବଂ ଶକ୍ତି ବିଭାଗ ମଧ୍ୟ ଆଉ ଗୋଟିଏ ଏମଓୟୁ କରିଛନ୍ତି । ଏହା ଦ୍ୱାରା ଆଇଟିଆଇଟିଇଏସ୍ ସେମିକଣ୍ଡକ୍ଟର ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଆମ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ହୋଇପାରିବ । ଆଧୁନିକ ସହରାଞ୍ଚଳ ଯୋଜନା ଠାରୁ ଆରମ୍ଭ କରି ନୂତନ ସହର ପ୍ରତିଷ୍ଠା, ପେଟ୍ରୋଲିୟମ, କେମିକାଲ୍ସ, ଗ୍ରୀନ ଏନର୍ଜି ଓ ଦକ୍ଷତା ବିକାଶ ପରି ଆଧୁନିକ କ୍ଷେତ୍ରର ବିକାଶ ପାଇଁ ବର୍ତ୍ତମାନ ଆମର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ମୋଦୀଙ୍କର ଓଡିଶାର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି । ମୋଦୀଜୀଙ୍କ ପୂର୍ବଦୋୟ ଯୋଜନାରେ ଓଡିଶାର ବିକାଶକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଡବଲ ଇଂଜିନ୍ ସରକାରରେ ମିଳିତ ସହଯୋଗ ଯୋଗୁ, ଆମର ବିକାଶମୂଖୀ ପଦକ୍ଷେପ ଉପରେ ଏକ ଗୁଣବତ୍ତା ପ୍ରଭାବ ପଡିଛି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ସବୁ ଦୃଷ୍ଟିରୁ ଏକ ଐତିହାସିକ ଘଟଣା । ବିକାଶର ଭିଜନକୁ ବାସ୍ତବତାରେ ପରିଣତ କରିବା ଦିଗରେ ଆମ ଓଡିଶା ପାଇଁ ଏହା ଏକ ମାଇଲଷ୍ଟୋନ୍ ସାବ୍ୟସ୍ତ ହୋଇଛି । ଏହାଦ୍ୱାରା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଲକ୍ଷ୍ୟ ପୂରଣ ଦିଗରେ ଏକ ସୁଦୃଢ ଭିତ୍ତି ପଡିପାରିଛି ।

# ସିଙ୍ଗାପୁର ରାଷ୍ଟ୍ରପତିଙ୍କ ରଘୁରାଜପୁର ଓ କୋଣାର୍କ ଗସ୍ତ

**ଭୁବନେଶ୍ୱର,୧୮।୧(ମହାଭାରତ):** ସିଙ୍ଗାପୁର ଜନରାଜ୍ୟର ମହାମହିମ ରାଷ୍ଟ୍ରପତି ଶ୍ରୀ ଥରମନ୍ ? ଶନ୍ମୁଗରତ୍ନମ୍ ଆଜି ପୁରୀ ଜିଲ୍ଲାର କଳାଗ୍ରାମ ରଘୁରାଜପୁର ଏବଂ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି ।

ରାଷ୍ଟ୍ରପତି ଶ୍ରୀ ଥରମନ୍ ? ଶନ୍ମୁଗରତ୍ନମ୍ ଏବଂ ତାଙ୍କ ଧର୍ମପତ୍ନୀ ଆଜି ରଘୁରାଜପୁର ଠାରେ ପହଂଚିବା ପରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା, ପୁରୀ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧିକାରୀ ଶ୍ରୀ ବିନୀତ ଅଗ୍ରୱାଲ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ ।ପାରମ୍ପରିକ ଲୋକକଳା ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ଏହାପରେ ରାଷ୍ଟ୍ରପତି କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରିବା ସହିତ ପଟ୍ଟଚିତ୍ର ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ । ପଟ୍ଟଚିତ୍ରରେ ରହିଥିବା ସୁନ୍ଦର କାରୁକାର୍ଯ୍ୟ ଦେଖି ସେ ଖୁସିବ୍ୟକ୍ତ କରିଥିଲେ ।

ରଘୁରାଜପୁର ଗ୍ରାମ, ପ୍ରଦର୍ଶନୀ ସ୍ଥଳ, ଅଙ୍ଗନବାଡ଼ି କେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ର ଆଦି ପରିଭ୍ରମଣ କରିସାରିବା ପରେ ରାଷ୍ଟ୍ରପତି କୋଣାର୍କ ମନ୍ଦିର ପରିଦର୍ଶନରେ ଯାଇଥିଲେ ।

କୋଣାର୍କରେ ପ୍ରଥମେ ଆଇଓସିଏଲର ଇଂଟରପ୍ରିଟେସନ କେନ୍ଦ୍ର ପରିଦର୍ଶନ କରିସାରିବା ପରେ ରାଷ୍ଟ୍ରପତି ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଦେଖି ଆନନ୍ଦ ପ୍ରକାଶ କରିଥିଲେ । ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ପ୍ରତିନିଧି ଓ ଗାଇଡମାନେ ରାଷ୍ଟ୍ରପତିଙ୍କୁ କୋଣାର୍କ ମନ୍ଦିର ସମ୍ପର୍କରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।ପରେପରେ ରାଷ୍ଟ୍ରପତି ଦମ୍ପତି ଓ ସିଙ୍ଗାପୁରରୁ ଆସିଥିବା ପ୍ରତିନିଧି ମଣ୍ଡଳୀ କୋଣାର୍କ ମନ୍ଦିର ବୁଲି ଦେଖିଥିଲେ ।

ଆଜିର କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ ଦେବ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର,ଆଇଜି ଅନୁପ କୁମାର ସାହୁ, ଡିଆଇଜି ଅଖିଳେଶ୍ୱର ସିଂ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରିୟ ରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ଶ୍ରୀ ରାଜ କିଶୋର ଜେନା,ଅତିରିକ୍ତ ଉପ-ଜିଲ୍ଲାପାଳ ଶ୍ରୀ ନୀଳମାଧବ ମାଝୀ, ପୁରୀ ସଦର ବିଡ଼ିଓ ଶ୍ରୀ ସମ୍ବିତ ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଗୋପ ବିଡ଼ିଓ ତଥା କୋଣାର୍କ ଏନ ଏ ସି ନିର୍ବାହୀ ଅଧିକାରୀ ଶ୍ରୀମତୀ ଛବିରାଣୀ ସାହୁ,କାକଟପୁର ବିଡ଼ିଓ ଶ୍ରୀ ବିଷ୍ଣୁ ଗୋବିନ୍ଦ, ଗୋପ ତହସିଲଦାର ଶ୍ରୀ ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମୋଟର ଯାନରେ ବୀମା ନଥିଲେ ଧରିବ ଟୋଲଗେଟ

**ଭୁବନେଶ୍ୱର,୧୮।୧(ମହାଭାରତ):** ମୋଟର ଯାନରେ ବୀମା ନ ଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲଗେଟ । ଇ-ଡିଟେକ୍ସନ ପ୍ରକ୍ରିୟାରେ ଜାରିହେବ ଇ-ଚାଲାଣ । ଆସନ୍ତା ଫେବୃୟାରୀ ପହିଲାରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲଗେଟରେ ଏହା କାର୍ଯ୍ୟକାରୀ ହେବ । ମୋଟର ଯାନ ଆଇନ ଅନୁଯାୟୀ ବୈଧ ବୀମା ନଥାଇ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଏହାର ଉଲ୍ଲଙ୍ଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡର ପ୍ରାବଧାନ ରହିଛି ।

ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ଅଛି । ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି ।

# ହଂସିତା ଓ ଅନିଲଙ୍କ ନାଁରେ ପୁଣି ମାମଲା ରୁଜୁ

**ଭୁବନେଶ୍ୱର,୧୮।୧(ମହାଭାରତ):** କର୍ପୋରେଟ ଠକ ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କ ପାଇଁ ବଢ଼ିଲା ଅଡୁଆ । ଫେକ ଡକ୍ୟୁମେଂଟ ଦେଇ ପ୍ରସ୍ତୁତ କରିଥିଲେ ପାସପୋର୍ଟ । ଇନଫୋସିଟି ଥାନାରେ ପୋଲିସ ନିଜଆଡୁ ମାମଲା କଲା ରୁଜୁ । ହଂସିତା ଅଭିଲିପ୍ସା ନିଜର ପ୍ରକୃତ ନାମ ବିଷ୍ଣୁ ପ୍ରିୟ ଚାନ୍ଦ ପରିବର୍ତ୍ତନ କରି ଫେକ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ । ବିଷ୍ଣୁପ୍ରିୟ ଚାନ୍ଦରୁ ବନିଥିଲେ ହଂସିତା ଅଭିଲିପ୍ସା । ପ୍ଲାଷ୍ଟିକ ସର୍ଜରୀରେ ମଧ୍ୟ ନିଜର ରୂପକୁ ପରିବର୍ତ୍ତନ କରିଥିଲେ । ୨୦୧୯ ରେ ବିଷ୍ଣୁପ୍ରିୟ ଚାନ୍ଦ ପାସପୋଷ୍ଟ ପ୍ରସ୍ତୁତ ପାଇଁ ଆବେଦନ କରିଥିଲେ । ବିଭିନ୍ନ ଅପରାଧିକ ମାମଲା ଥିବାରୁ ପାସପୋଷ୍ଟ ଆବେଦନ ଖାରଜ ହେଇଥିଲା । ପରେ ୨୦୨୨ ରେ କଲିକତା ଯାଇ ଫେକ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ । ସେଥିରେ ସ୍ୱାମୀ ଅନୀଲ ମହାନ୍ତି ଦର୍ଶାଇଥିଲେ । ନକଲି ଆଧାର କାର୍ଡ ଆସିବା ପରେ ପାନ କାର୍ଡ ପ୍ରସ୍ତୁତ କରିଥିଲେ । ପରେ ପାସପୋର୍ଟ ପାଇଁ ଆବେଦନ କରିଥିଲେ । ହଂସିତା ନାଁରେ କୌଣସି ଅପରାଧୀକ ମାମଲା ନ ଥିବାରୁ ସହଜରେ ପାସପୋର୍ଟ ମିଳିଯାଇଥିଲା । ହଂସିତା ବିଦେଶ ଯାତ୍ରା କରିଥିଲେ ।

# ଚିଲିକାରେ କମିଲେ ବିଦେଶୀ ପକ୍ଷୀ

**ଚିଲିକା,୧୮।୧(ମହାଭାରତ):** ଚଳିତବର୍ଷ ଚିଲିକାରେ କମିଛି ବିଦେଶୀ ପକ୍ଷୀଙ୍କ ସଂଖ୍ୟା । ଚଳିତ ବର୍ଷ ୧୧ ଲକ୍ଷ ୨୭ ହଜାର ୨୨୮ ପକ୍ଷୀଙ୍କ ସଂଖ୍ୟା ରହିଛି । ତେବେ ଗତବର୍ଷ ତୁଳନାରେ ୧୦ ହଜାର ୫୩୧ କମ୍ ବିଦେଶୀ ପକ୍ଷୀ ରହିଥିବା ଗଣନାରୁ ଜଣାପଡ଼ିଛି । ପକ୍ଷୀଙ୍କ ସଂଖ୍ୟା କମିଥିଲେ ବି ପକ୍ଷୀ ପ୍ରଜାତିଙ୍କ ସଂଖ୍ୟା ବଢ଼ିଛି । ଏଥର ୯ ପ୍ରଜାତି ପକ୍ଷୀଙ୍କ ଆଗମନ ହୋଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି ।

ସମଗ୍ର ଚିଲିକାରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଚିଲିକାକୁ ଆଗମନ କରିଥିବା ବିଦେଶାଗତ ଏବଂ ଦେଶୀୟ ପକ୍ଷୀଙ୍କ ଗଣନା ଚାଲିଥିଲା । ଏଥିରେ ଅବସରପ୍ରାପ୍ତ ଜଙ୍ଗଲ ବିଭାଗ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ, ଓୟୁଏଟିର ଅଧ୍ୟାପକ, ପ୍ରଫେସର, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷାବିତ ଏବଂ ଛାତ୍ରଛାତ୍ରୀ ଓ ଅଣ ସରକାରୀ ସଂସ୍ଥା, ବମ୍ବେ ନାଚ୍ୟୁରାଲ ହିଷ୍ଟ୍ରି ଅଫ ସୋସାଇଟିର ବରିଷ୍ଠ ଗବେଷକ, ବିଶେଷଜ୍ଞ ଗଣନାକାରୀ ଯୋଗଦେଇଥିଲେ ।

ଚଳିତ ବର୍ଷ ପକ୍ଷୀ ଗଣନା ପାଇଁ ସମଗ୍ର ଚିଲିକାକୁ ୨୧ଟି ଭାଗରେ ବିଭକ୍ତ କରାଯାଇ ୨୧ଟି ଦଳ ଗଠନ କରାଯାଇଥିଲା । ପ୍ରତି ଦଳରେ ଜଣେ ପକ୍ଷୀ ବିଶାରଦଙ୍କ ସମେତ ୩ ରୁ ୫ ଜଣ ଲେଖାଏ ପକ୍ଷୀ ବିଶେଷଜ୍ଞ ରହିଥିଲେ । ଏଥିରେ ମୋଟ ୧୩୦ ଜଣ ଏହି ଗଣନାରେ ଭାଗ ନେଇଥିଲେ ।

ପ୍ରତି ଦଳରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟରତ ଜଣେ ସରକାରୀ କର୍ମଚାରୀ ଗାଇଡ଼ ଭାବେ ରହିଥିଲେ । ସେମାନଙ୍କୁ ଗଣନା ପାଇଁ ଆବଶ୍ୟକ ମାନଚିତ୍ର ଓ ତା'ର ଗନ୍ତବ୍ୟସ୍ଥଳ ଚିତ୍ର ଓ ଅନ୍ୟାନ୍ୟ ଜରୁରୀ ଉପକରଣ ଦିଆଯାଇଥିଲା ।

# ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର

**ସମ୍ବଲପୁର,୧୮।୧(ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରି ସୌଭାଗ୍ୟ ଲାଭ କରିଥିବା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର ଅନନ୍ୟ କେନ୍ଦ୍ର । ଆଜି ସମଲେଶ୍ୱରୀ ମନ୍ଦିରରେ ପରିଚାଳନା ବ୍ୟବସ୍ଥା ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ପୁନଃ ପ୍ରଚଳନ ହୋଇଛି । ଆଜିର ଅବସରରେ ମା'ଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦ ସେବନ କରିବା

ମୋର ସୌଭାଗ୍ୟ । ଏଥିପାଇଁ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ସରକା

# ଜୀବନଚର୍ଯ୍ୟା

## ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।

ଖବର

## ଦୁଇଦିନରେ ୪.୨୪ କୋଟି ଟଙ୍କା ଆୟ କଲାଣି 'ଏମର୍ଜେନ୍ସି'

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ୧୯୭୫ ମସିହାରେ ଲାଗୁ ହୋଇଥିବା ଜରୁରୀକାଳୀନ ପରିସ୍ଥିତି ଉପରେ ଆଧାରିତ କଙ୍ଗନାଙ୍କ ଫିଲ୍ମ ଏମର୍ଜେନ୍ସି ସିନେମା ହଲରେ ରିଲିଜ ହୋଇଛି । ଏହି ଫିଲ୍ମ ସହିତ, ରାଶା ଥାଡାନି ଏବଂ ଅଜୟ ଦେବଗନଙ୍କ ଭଣଜା ଅମନ ଦେବଗନଙ୍କ ଫିଲ୍ମ ଆଜାଦ ମଧ୍ୟ ରିଲିଜ୍ ହୋଇଛି। ଏକ ରିପୋର୍ଟ ମୁତାବକ କଙ୍ଗନା ରାଣାଓ୍ୱତଙ୍କ ଫିଲ୍ମ ପ୍ରଥମ ଦିନରେ ୨.୫ କୋଟି ଟଙ୍କା ରୋଜଗାର କରିଥିଲା। ଯଦି ଆଜି ସନ୍ଧ୍ୟା ସୁଦ୍ଧା ଏହା ୧.୭୪ କୋଟି ରୋଜଗାର କରିଛି ଫିଲ୍ମର ମୋଟ ଆୟ ୪.୨୪ କୋଟି ଟଙ୍କା ।ର ପହଞ୍ଚିଛି ।କଙ୍ଗନାଙ୍କ ଦିନରେ ୧.୨୫ କୋଟି ଟଙ୍କା ରୋଜଗାର କରିଥିଲା। ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା ଏହି ଫ୍ଲପ୍ ଫିଲ୍ମର ଦୁଇଗୁଣ ରୋଜଗାର ସହିତ ଏମର୍ଜେନ୍ସି କିଛି ଆଶାକୁ ଉଜ୍ଜୀବିତ ରଖିଛି। ଫିଲ୍ମବିଟ୍ ଅନୁଯାୟୀ, କଙ୍ଗନାଙ୍କ ଫିଲ୍ମଟି ପ୍ରାୟ ୨୫ କୋଟିରେ ନିର୍ମିତ ହୋଇଛି, ଏହି ଅନୁସାରେ, ଫିଲ୍ମଟି ଏହାର ମୋଟ ବଜେଟର ୨୦ ପ୍ରତିଶତରୁ ଅଧିକ ଆୟ କରିସାରିଛି। ଏହି ଫିଲ୍ମରେ କଙ୍ଗନା କେବଳ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ଅଭିନୟ କରିନାହାଁନ୍ତି ବରଂ ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସେହିପରି ଶ୍ରେୟସ ତଲପଡେ ଅଟଳ ବିହାରୀ ବାଜପେୟୀଙ୍କ ଭୂମିକାରେ ଅଭିନୟ କରୁଥିବାର ଦେଖାଯାଉଛି। ଅନୁପମ ଖେର ଏବଂ ମିଲିନ୍ଦ ସୋମନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି।

## ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ

ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି। ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡ଼ିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ ।

## ତ୍ୱଚା ସୁନ୍ଦର କରାଇବାର ଉପାୟ

ତ୍ୱଚାର ସୁନ୍ଦରତା ବଜାୟ ରଖିବା ପାଇଁ ସଭିଏଁ ବହୁ ଉପାୟ ଆପଣେଇ ଥାଆନ୍ତି । ଏହାଛଡ଼ା ଅଧିକାଂଶ ସମୟ ଅଭାବ କାରଣରୁ ତ୍ୱଚା ଉପରେ ଅଧିକ ଧ୍ୟାନ ମଧ୍ୟ ଦେଇ ପାରି ନଥାଆନ୍ତି। ମାତ୍ର ଏପରି କେତେକ ଉପାୟ ରହିଛି ଯାହାକୁ ଆପଣେଇ ମୁହଁର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବା ।

**ନଡ଼ିଆ ତେଲ -**

ଯଦି ଆପଣଙ୍କ ତ୍ୱଚା ଅଧିକ ଶୁଷ୍କ ତେଲିଆ ନୁହେଁ ତେବେ ନିୟମିତ ନଡ଼ିଆ ତେଲର ମୁହଁରେ ମାଲିସ କରନ୍ତୁ । ରାତିରେ ଶୋଇବା ସମୟରେ ତୁଳାର ବ୍ୟବହାର କରି ମୁହଁରେ ଲଗାନ୍ତୁ। ସକାଳେ ଆପଣ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ ।

**ଗ୍ରୀନ ଟି ପ୍ୟାକ୍ -**

ପେଷା ହୋଇଥିବା ଗ୍ରୀନ ଟିରେ ଅଳ୍ପ ପାଣି ମିଶାଇ ତୁଳାର ବ୍ୟବହାର କରି ଏହି ପେଷ୍ଟକୁ ରାତି ଯାକ ମୁହଁରେ ଲଗାଇ ରଖନ୍ତୁ । ସକାଳେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ।

## ମହାଭାରତରେ କୁନ୍ତି, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ମିଳିଥିଲା ଏହିଭଳି ଭୟାନକ ମରଣ

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିରୟ ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତିଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବଙ୍କ ପତି ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେୟ ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଲଙ୍ଗ ଯାତ୍ରା ବାହାରିଲେ। ଏହି ସମୟ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ୍ୟ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ। ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ଏହି ନିଆଁରେ ତିନିଜଣ ଜଳି ପୋଡି ପାଉଁଶ ହୋଇଗଲେ।

ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା।ଯଦିନେ ଜଙ୍ଗଲରେ ଅଘଟନ ନିଆଁ ଲାଗି ଗଲାୟ ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବ□ାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ୍ୟ ଦୌଡବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳି ଗଲା। ।ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ।

## ... ସାବଧାନ ..

### ଅଣ୍ଡା ଖାଇଲେ ହଟିଯିବ ଅନେକ ସମସ୍ୟା



ବଛା ବଛା କେତୋଟି ଉତ୍ତମ ଖାଦ୍ୟ ଭିତରେ ଅଣ୍ଡା ଅନ୍ୟତମ । ଏଥିରେ ପ୍ରଚୁର ପରିମାଣର ନ୍ୟୁଟ୍ରିଏଣ୍ଟ୍ସ ଅଛି । ଏହାକୁ ଆପଣ ଆପଣଙ୍କର ଦୈନିକ ଡାଏଟ୍ରେ ସାମିଲ୍ କରିପାରିବେ । ଏଥିରେ ପ୍ରଚୁର ପରିମାଣର କ୍ୟାଲୋରି, ପ୍ରୋଟିନ୍ ରହିଛି । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ 'ଏ' ଏବଂ 'ଇ' ରହିଛି । ସକାଳ ଜଳଖିଆରେ ଦୈନିକ ଗୋଟାଏ ଅଣ୍ଡା ସାମିଲ୍ କଲେ ଶରୀର ପାଇଁ ଖୁବ୍ ଭଲ । ଅଣ୍ଡାରେ ପ୍ରଚୁର ପରିମାଣର ପ୍ରୋଟିନ୍ ରହିଛି ଯେହେତୁ ଏହା ଆପଣଙ୍କ କେଶ ଝଡ଼ା ସମସ୍ୟାକୁ ଦୂର କରିପାରେ । ଦୈନିକ ଗୋଟାଏ ଲେଖାଏ ଅଣ୍ଡା ଖାଇଲେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ପୂରାପୂରି ଭାବେ କମିଯିବ । ଆପଣଙ୍କର ଯଦି ଶ୍ୱାସ ରୋଗ ଅଛି ତେବେ ଆପଣ ଅଣ୍ଡା ଖାଇବା ଖୁବ୍ ଭଲ । ଦୈନିକ ଗୋଟାଏ କଞ୍ଚା ଅଣ୍ଡା କିମ୍ବା ସିଝା ଅଣ୍ଡା ଖାଇଲେ ଆପଣଙ୍କ ଶ୍ୱାସ ରୋଗ କମ୍ ହୋଇଯିବ । ଅଣ୍ଡା ଖାଇଲେ ଆଖି ସମସ୍ୟା ଦୂର ହୋଇଥାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଅଣ୍ଡା ଖାଇବା ଦ୍ୱାରା ମୋତିଆବିନ୍ଦୁ ହେବାର ସମ୍ଭାବନା କମ୍ ଥାଏ । ଆଖିରୁ ଭିଟାମିନ୍ 'ଏ' କମ୍ ହୋଇଗଲେ ଦୃଷ୍ଟି ଶକ୍ତି ହ୍ରାସ ପାଇବାର ସମ୍ଭାବନା ରହିଛି । ଅଣ୍ଡାରେ ପ୍ରଚୁର ପରିମାଣର ଭିଟାମିନ୍ ଏ ଥିବାରୁ ଆପଣଙ୍କର ଆଖି ସମସ୍ୟା ଥିଲେ ଆପଣ ଏହାକୁ ଦୈନିକ ଖାଇପାରିବେ । ଅଣ୍ଡା ହୃଦ୍‌ରୋଗୀଙ୍କ ପାଇଁ ବି ଖୁବ୍ ଭଲ । ଅଣ୍ଡା ଖାଇବା ଦ୍ୱାରା ହୃଦ୍ ଜନିତ ସମସ୍ୟା ଦୂର ହୋଇଥାଏ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା
ରବିବାର, ୧୯ ଜାନୁଆରୀ, ୨୦୨୫


# କର୍ମଚାରୀଙ୍କ ଅଭିଜ୍ଞତା ଆଦାନ ପ୍ରଦାନ ଓ ପରାମର୍ଶ କର୍ମଶାଳା

**ଭୁବନେଶ୍ୱର,୧୮।୧ (ମହାଭାରତ):** କର୍ମଚାରୀ ମାନଙ୍କର ଦକ୍ଷତା ବୃଦ୍ଧି ପରି ପ୍ରେକ୍ଷୀରେ ଏକ ଅଭିଜ୍ଞତା ଆଦାନ ପ୍ରଦାନ ଓ ପରାମର୍ଶ କର୍ମଶାଳା ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀଙ୍କ ଦକ୍ଷତା ବିକାଶରେ ଦୃତ ପରିବର୍ତ୍ତନ ପାଇଁ ମିଶନ କର୍ମଯୋଗୀ ତରଫରୁ ଲାର୍ଜ ସ୍କେଲ୍ ଇଣ୍ଟରଭେନସନ (ଏଲଏସଆଇ) ଭଳି ବଡ଼ ପଦକ୍ଷେପ ନିଆଯାଇଛି।

ରାଜ୍ୟରେ ମିଶନ କର୍ମଯୋଗୀର କାର୍ଯ୍ୟକାରିତା କ୍ଷେତ୍ରରେ ସମନ୍ୱୟ ପାଇଁ ରାଜ୍ୟରେ ନୋଡାଲ ଏଜେନ୍ସି ଥିବା ଗୋପବନ୍ଧୁ ପ୍ରଶାସନ ଏକାଡେମୀ ବିକାଶ ଆୟୋଗ (ସିବିସି) ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥୁ ଭାଥନନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇବ ଖୁରାନଆ ଏବଂ ଏଡିଜି, ପୁଲିସ୍ (ପ୍ରଶିକ୍ଷଣ) ସଞ୍ଜୀବ ପଣ୍ଡା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ସିବିସିର ସଦସ୍ୟ (ମାନବ ସମ୍ବଳ) ଡ. ଆର୍ ବାଲସୁବ୍ରମଣ୍ୟମ ତାଙ୍କ ଟମ୍ ସହ ଆଭାସୀ ମାଧ୍ୟମରେ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ସକ୍ରିୟ ପ୍ରୟାସକୁ ପ୍ରଶଂସା କରିବା ସହ ନାଗରିକ କେନ୍ଦ୍ରିକ ଶାସନ ସୁନିଶ୍ଚିତ କରିବା ଏବଂ ବିକଶିତ ଭାରତ-୨୦୪୭ ଗଠନର ଅବଦାନ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ।

ସିବିସିର ଏକ ଅଂଶୀଦାର ଏଜେନ୍ସି ଇଲୁମିନ୍ ନଲେଜ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିନିଧିମାନେ ଏଲ୍ଏସ୍ଆଇ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ବିଷୟରେ ସୂଚନା ଦେଇଥିଲେ। ଡ. ଶ୍ରୀନିବାସ ଭେଙ୍କଟରାମ ଏବଂ ବିରେନ ଆନନ୍ଦ ଭାରତୀୟ ରେଳବାଇ, ଭାରତୀୟ ଡାକ, ଦିଲ୍ଲୀ ପୋଲିସ ଏବଂ ହରିୟାଣା ପୋଲିସ ଭଳି ସଂସ୍ଥାରେ ଏହା କିପରିସଫଳତାର ସହ କାର୍ଯ୍ୟକାରୀ କରାଯାଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଉନ୍ନତ ସେବା ପ୍ରଦାନର ମୂଲ୍ୟାଙ୍କନ କରିବା ପାଇଁ ତୃତୀୟ ପକ୍ଷ ମୂଲ୍ୟାୟନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

'କର୍ମଯୋଗୀ ପୁଲିସ' ଓ 'କର୍ମଯୋଗୀ ଶିକ୍ଷକ'ଜରିଆରେ ରାଜ୍ୟରେ ପୁଲିସ କର୍ମଚାରୀ ଓ ଶିକ୍ଷକମାନଙ୍କ ପାଇଁ ଆବଶ୍ୟକତା ଅନୁଯାୟୀ ଅଫ ଲାଇନ୍ ଓ ଅନଲାଇନ୍ ପାଠ୍ୟକ୍ରମ ପ୍ରସ୍ତୁତ କର ଦକ୍ଷତା ବିକାଶ ଆୟୋଗ ଓଡ଼ିଶା ସରକାରଙ୍କୁ ନିରନ୍ତର ସହଯୋଗ ପ୍ରଦାନ କରିବା ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ସିନ୍‌ସିନାଟି ବିଶ୍ୱବିଦ୍ୟାଳୟ ସଭାପତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

**ଭୁବନେଶ୍ୱର,୧୮।୧ (ମହାଭାରତ):** ଆମେରିକାର ସିନ୍‌ସିନାଟି ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ନେଭେଲି ଜି ପିଣ୍ଟୋଙ୍କୁ ଆଜି କିସ୍ ପକ୍ଷରୁ ସମ୍ମାନଜନକ କିସ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନୀତ କରାଯାଇଛି। ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରହଣକରି ପିଣ୍ଟୋ ଶିକ୍ଷା ଓ ଜନଜାତିଙ୍କ ସଶକ୍ତିକରଣ କ୍ଷେତ୍ରରେ ଅଚ୍ୟୁତ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଲେ, ଶ୍ରୀ ସାମନ୍ତଙ୍କ ଦର୍ଶନ ଅନ୍ୟମାନଙ୍କ ପାଇଁ ପ୍ରକୃତରେ ପ୍ରେରଣାଦାୟୀ। କିସ୍‌ର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପିଣ୍ଟୋ କହିଲେ ଶ୍ରୀ ସାମନ୍ତ ଆଜି ଯେଉଁ ସଫଳତା ହାସଲ କରିଛନ୍ତି ସେହି ସଫଳତା ହାସଲ କରିବା ପାଇଁ ତୁମ ପ୍ରତ୍ୟେକଙ୍କ ନିକଟରେ ଶକ୍ତି ରହିଛି। ଅନ୍ୟମାନଙ୍କ ପାଇଁ ଭଲ କରିବା ନିମନ୍ତେ ଜ୍ଞାନ ତୁମମାନଙ୍କୁ ଏହି ଶକ୍ତି ଯୋଗାଇଥାଏ । ଶ୍ରୀ ସାମନ୍ତଙ୍କ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ସମସ୍ତଙ୍କ ପାଇଁ ଆଲୋକ ବର୍ତ୍ତିକା ହେବା ଉଚିତ୍ ବୋଲି ସେ କହିଥିଲେ। ସିନ୍‌ସିନାଟି ବିଶ୍ୱବିଦ୍ୟାଳୟ ୨୦୦ବର୍ଷର ଏକ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୭ବର୍ଷରେ କିଟ୍ ଓ କିସ୍‌ର ଏଭଳି ଅଭିବୃଦ୍ଧି ଦେଖି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସ୍ୱାଗତ ଭାଷଣ ଦେଇ ଶ୍ରୀ ସାମନ୍ତ କହିଲେ, ବିଶ୍ୱର ଏକ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ସିନ୍‌ସିନାଟି ବିଶ୍ୱବିଦ୍ୟାଳୟର ନେତୃତ୍ୱ ନେଉଥିବା ପିଣ୍ଟୋଙ୍କ ଭଳି ଜଣେ ଭାରତୀୟ ବଂଶୋଦ୍ଭବ ଶିକ୍ଷାବିତ୍‌ଙ୍କୁ ସମ୍ମାନୀତ କରି ଆମେ ଗର୍ବିତ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିନ୍‌ସିନାଟି ବିଶ୍ୱବିଦ୍ୟାଳୟ ପ୍ରତିନିଧିମଣ୍ଡଳ ଓ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାହାର ରାଜ୍ୟର ଧାନ ଗାଡ଼ି ଉପରେ ତୀକ୍ଷ୍ଣ ନଜର

**ଭୁବନେଶ୍ୱର,୧୮।୧ (ମହାଭାରତ):** ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ସରକାର ଯଥୋଚିତ ପଦକ୍ଷେପ ଗ୍ରହଣ କରିଛନ୍ତି। ପଞ୍ଜିକୃତ ଚାଷୀ ସେମାନଙ୍କ ଧାନକୁ ସରକାରୀ ସ୍ତରରେ ବିକ୍ରୟ କରିପାରିବେ ଏଥିନିମନ୍ତେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ବାହାର ରାଜ୍ୟରୁ ଯେଉଁଭଳି ଧାନ ଆସି ରାଜ୍ୟରେ ବିକ୍ରୟ ନହୁଏ ଏହା ଉପରେ ମଧ୍ୟ କଡା ନଜର ରଖାଇଯାଇଛି। ବିଶେଷକରି ରାଜ୍ୟର ସୀମାନ୍ତ ଅଞ୍ଚଳରେ ଏହି ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏହି ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ୨୧୭ଟି ଏନଫୋର୍ସମେଣ୍ଟ ଟିମକୁ ମୁତୟନ ହୋଇଛନ୍ତି। ଆବଶ୍ୟକତା ଅନୁଯାୟୀ ଏହି ଟିମ ଗୁଡିକ ମୁତୟନ ହେବା ସହ ବାହାର ରାଜ୍ୟର ଧାନ ଗାଡି ସମ୍ପର୍କିତ ଅଭିଯୋଗ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି। ସେମାନେ ବିଶେଷ କରି ସୀମାବର୍ତ୍ତୀ ରାଜ୍ୟରୁ ଧାନନେଇ ଆମ ରାଜ୍ୟ ମଧ୍ୟକୁ ଆସୁଥିବା ଗାଡି ଉପରେ ନଜର ରଖୁଛନ୍ତି। କୌଣସି ଅନିୟମିତତାର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେହି ଗାଡିକୁ ଜବତ କରିବାକୁ ସେମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ମାନେ ଏ ସଂକ୍ରାନ୍ତରେ କଡା ନିର୍ଦ୍ଦେଶ ଦେବା ସହ ଆବଶ୍ୟକତା ଅନୁଯାୟୀ ଇନଫୋର୍ସମେଣ୍ଟ ମୁତୟନ କରିଛନ୍ତି। ଏ କ୍ଷେତ୍ରରେ ଜିଲ୍ଲା ଯୋଗାଣ ଅଧିକାରୀ ମାନେ ମଧ୍ୟ ସମସ୍ତ ସହଯୋଗ ପ୍ରଦାନ କରୁଛନ୍ତି ।

# ଡିଏଭି ପୋଖରୀପୁଟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ସଚେତନତା

**ଭୁବନେଶ୍ୱର,୧୮।୧ (ମହାଭାରତ):** ଡିଏଭି ପୋଖରୀପୁଟରେ ବଦ୍ୟାର୍ଥୀଙ୍କ ମଧ୍ୟରେ ବିଜ୍ଞାନମନସ୍କତା, ଅନାସକ୍ତଭାବ, ଯୁକ୍ତିଯୁକ୍ତତା ଓ ଅନ୍ୟମାନଙ୍କ ପ୍ରଭାବରୁ ମୁକ୍ତ ରହି ସ୍ୱାଧୀନ ବିଚାରଧାରା ଭଳି ବିରଳ ଗୁଣର ଅଭିବୃଦ୍ଧି ନିମନ୍ତେ 'ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ଶୀର୍ଷକ ଆଲୋଚନା ଚକ୍ର ଏକ ବିଜ୍ଞାନ ଓ ପରିବେଶ ପ୍ରେମୀ ସଂସ୍ଥା ତଥା ଡିଏଭି ପୋଖରୀପୁଟର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା। ଏହି ଅନୁଭବାତ୍ମକ କାର୍ଯ୍ୟକ୍ରମକୁ ଅଭ୍ୟାଗତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ସ୍ୱାଗତ ଭାଷଣ ଦେବାସହିତ ବିଜ୍ଞାନର ପ୍ରଗତିରେ ଦେଶର ପ୍ରଗତି ସମ୍ଭବ ବୋଲି ନିଜର ଅଭିମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବିପିଓଟିର ପୂର୍ବତନ କୁଳପତି ପ୍ରଫେସର ଓମକାର ନାଥ ମହାନ୍ତି ଉପସ୍ଥିତ ରହି ପ୍ରକୃତି ହିଁ ପ୍ରକୃତ ଶିକ୍ଷକ ବୋଲି ଅଭିମତ ଦେବାସହିତ ନିଜର ଦିଗଦର୍ଶନର ରୂପରେଖକୁ ଉପସ୍ଥାପନ କରିଥିଲେ। ନାଲକୋର ପୂର୍ବତନ ଜେନେରାଲ୍ ମ୍ୟାନେଜର ଡ. ଚିତ୍ତରଞ୍ଜନ ମିଶ୍ର ଉପସ୍ଥିତ ରହି ବିଜ୍ଞାନ ଉପୁଡି ଦିଗ-ଦିଗନ୍ତ ଉପରେ ଆଲୋକପାତ କରିବା ସହିତ ବିଜ୍ଞାନଯୁଗର ଛାତ୍ରଛାତ୍ରୀଙ୍କୁ କେତେକ ସାଧାଣ ଜ୍ଞାନ ସ୍ମରଣୀୟ କରାଇଥିଲେ। ସମ୍ମାନିତ ଅତିଥିଭାବେ ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିକର୍ଣ୍ଣେଲ. ପ୍ରୋଫେସର. ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଉପସ୍ଥିତ ରହି ପ୍ରକୃତି ହିଁ ପ୍ରକୃତ ପରୀକ୍ଷାଗାର ବୋଲି କହିବା ସହିତ ବିଜ୍ଞାନର ସଂଜ୍ଞା ଜାଣିବାକୁ ହେଲେ ପାଞ୍ଚଟି (5-W) - Why , What,When,Which,Where ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ନିଜର ଅଭିମତ ରଖିଥିଲେ। ଏକ ବିଜ୍ଞାନ ଓ ପରିବେଶ ପ୍ରେମୀ ସଂସ୍ଥାର ସଂସ୍ଥାପକଶ୍ରୀ ନିହାର ରଞ୍ଜନ ଆଶ୍ଚର୍ଯ୍ୟପ୍ରକୃତିର ବିଭିନ୍ନ ନିୟମକୁ ବୁଝିବା ହେଉଛି ବିଜ୍ଞାନ ଓ ତାହା ସହିତ ନିଜକୁ ଖାପ ଖୁଆଇ ଚଳିଲେ ପ୍ରକୃତି ବଞ୍ଚିବ ବୋଲି ନିଜର ଅଭିଭାଷଣରେ କହିଥିଲେ। ଡିଏମ୍ ସ୍କୁଲର ହେଡ଼ମାଷ୍ଟର ଅଖିଳେଶ୍ୱର ମିଶ୍ର ବିଦ୍ୟାର୍ଥୀଙ୍କୁ ବିଜ୍ଞାନ ମନସ୍କ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ଓୟୁଏଟିର ସହାୟକ ପ୍ରଫେସର ଅଜିତ କୁମାର ନାୟକ ବିଜ୍ଞାନକୁ ପ୍ରଚାର ପ୍ରସାର କ୍ଷେତ୍ରରେ ବିଦ୍ୟାର୍ଥୀଙ୍କ ଭୂମିକାକୁ ଅବଗତ କରାଇଥିଲେ। ଏହି ଅବସରରେ ମାନ୍ୟଗଣ୍ୟ ଅଭ୍ୟାଗତ ଅତିଥିଙ୍କ କରକମଳରେମୁଖ୍ୟ ଲେଖକଶ୍ରୀ ନିହାର ରଞ୍ଜନ ଆଶ୍ଚର୍ଯ୍ୟ ଏବଂ ସହ ଲେଖକଡ. ଅଜିତ କୁମାର ନାୟକଙ୍କ ଦ୍ୱାରା ରଚିତ Exploring the Wonders: A Complete Guide to Scientific Thinking ପୁସ୍ତକ ଉନ୍ମୋଚିତ ହେବା ସହିତ ଲୋକାର୍ପିତ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ବିଦ୍ୟାର୍ଥୀଙ୍କୁବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସହିତ ପରିଚିତ କରାଇବା ତଥାଏକ ବିକାଶଶୀଳ ରାଷ୍ଟ୍ରଗଠନରେ ସହାୟକ ହେବା ଯକେ.ଟି. ଗ୍ଲୋବାଲ ସ୍କୁଲଉପାଧ୍ୟକ୍ଷଡ. ରିଙ୍କୁ ଷଡ଼ଙ୍ଗୀଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ପୂର୍ବତନ ପ୍ରଫେସର ଡ. ଜୋସ୍ନା ମହାପାତ୍ର ବିଜ୍ଞାନ ସମ୍ବନ୍ଧିତ ଅନେକ ସୁନ୍ଦର କଥା କହିଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ମ୍ୟାନେଜିଂ ଟ୍ରଷ୍ଟି ଲୋପାମୁଦ୍ରା ମିଶ୍ର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ବଢ଼ାଇବା ପାଇଁ ଅନେକ ସହଜ ଉପାୟ ନିଜ ବକ୍ତବ୍ୟରେ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନକୁ ପ୍ରଚାର ଓ ପ୍ରସାର କରିବାରେ ଛାତ୍ର, ଛାତ୍ରୀମାନେ ନିଜ ନିଜର ଚିନ୍ତନ ପ୍ରକ୍ରିୟା ସହିତ ନିଜ ସିଦ୍ଧାନ୍ତ ଓ ମତ ଉପସ୍ଥାପିତ କରିଥିଲେ। ପରିଶେଷରେ ବିଦ୍ୟାର୍ଥୀଙ୍କୁ ସୁସ୍ଥ ପରିବେଶ ଏବଂ ବୃକ୍ଷର ଉପକାରିତା ସମ୍ବନ୍ଧିତ ଏକ ଚମତ୍କାର ଭିଡ଼ିଓ ପ୍ରଦର୍ଶନ କରାଯିବା ସହ କୃତି ବିଦ୍ୟାର୍ଥୀଙ୍କୁ ମାନପତ୍ର ତଥା ବରେଣ୍ୟ ଅତିଥିଙ୍କୁ ଉପଢୌକନ , ଔଷଧୀୟ ବୃକ୍ଷ , ବିଦ୍ୟାଳୟର ପତ୍ରିକା ଦେଇ ସମ୍ମାନିତ କରାଯାଇଥିଲା। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ବରିଷ୍ଠ ନିରୀକ୍ଷିକା ଡ.ସ୍ମରଣିକା ପଟ୍ଟନାୟକ ସୁନ୍ଦର ଭାବରେ ସଂଯୋଜନା କରିଥିଲେ।

## ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ଟେଣ୍ଡର ଆହ୍ୱାନ

# ୭୨୬ କୋଟି ଟଙ୍କାର ବ୍ୟୟ ବରାଦ

**ଭୁବନେଶ୍ୱର,୧୮।୧ (ମହାଭାରତ):** ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ଼ ନୂତନ ବ୍ରଡଗେଜ୍ (BG) ରେଳ ଲାଇନ ପ୍ରକଳ୍ପକୁ ସମାପ୍ତ କରିବା ଲକ୍ଷ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ, ରେଳ ମନ୍ତ୍ରଣାଳୟ ପ୍ରକଳ୍ପର ଅବଶିଷ୍ଟ ଅଂଶ ପାଇଁ ଟେଣ୍ଡର ଆମନ୍ତ୍ରଣ କରିଛି। ୧୪୯.୭୮ କିଲୋମିଟର ବ୍ୟାପୀ ଏହି ନୂତନ ରେଳ ଲାଇନ ଓଡ଼ିଶାର ତାଳଚେର ସହିତ ବିମଳାଗଡ଼କୁ ସଂଯୋଗ କରିବାକୁ ପ୍ରସ୍ତୁତ ଏବଂ ଟେଣ୍ଡର ଆମନ୍ତ୍ରଣରେ ମାଟି କାମ, ସେତୁ ନିର୍ମାଣ, ଷ୍ଟେସନ ସୁବିଧା, ଡ୍ରେନେଜ୍ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଟେ। ଟେଣ୍ଡର ପାଇଁ ଆନୁମାନିକ ମୂଲ୍ୟ ୭୨୬.୧୨୯ କୋଟି ଟଙ୍କା ବ୍ୟୟ ବରାଦ ରଖାଯାଇଅଛି।

ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରାରମ୍ଭିକ ଭାବରେ ୨୦୦୩-୦୪ ମସିହାରେ ମଞ୍ଜୁର କରାଯାଇଥିଲା କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା, ଆଇନଗତ ବାଧା ଏବଂ ଅନ୍ୟାନ୍ୟ ଆହ୍ୱାନ ଯୋଗୁଁ ବର୍ଷ ବର୍ଷ ଧରି ଅନେକ ବିଳମ୍ବର ସମ୍ମୁଖୀନ ହୋଇଛି। ଏହି ବାଧା ସତ୍ତ୍ୱେ, ପ୍ରକଳ୍ପର ପ୍ରାୟ ୨୬% କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି, ତାଳଚେର ଏବଂ ସୁନାଖଣି ମଧ୍ୟରେ ୨୦ କିଲୋମିଟର ରେଳ ଲାଇନ ନିର୍ମାଣ କରାଯାଇଛି। ଏହା ସହିତ, ଚାଲୁଥିବା ନିର୍ମାଣ କାର୍ଯ୍ୟ ଅନୁଗୁଳ ଜିଲ୍ଲାର ଖମାର ଆଡକୁ ରେଳ ସଂଯୋଗକୁ ଆହୁରି ୩୦.୫ କିଲୋମିଟର ବିସ୍ତାର କରିଛି, ଯାହାର ଲକ୍ଷ୍ୟ ହେଉଛି ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା।

ବିଳମ୍ବ ଦୂର କରିବା ପାଇଁ ପ୍ରୟାସ ଜୋରଦାର କରାଯାଇଛି। ଅନୁଗୁଳ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଘରୋଇ ଜମି ଅଧିଗ୍ରହଣ କରାଯାଇଛି ଏବଂ ରାଜ୍ୟ ସରକାର ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବଶିଷ୍ଟ ଜମି ଯୋଗାଇ ଦେବେ ବୋଲି ଆଶା କରାଯାଉଛି। ରେଳବାଇ ଦ୍ୱାରା ନିୟୋଜିତ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି ଯାହା ଦ୍ୱାରା ଜମି ଅଧିଗ୍ରହଣ ପ୍ରକ୍ରିୟା ଆଉ କୌଣସି ବାଧା ବ୍ୟତୀତ ଆଗକୁ ବଢ଼ିବ।

ନିର୍ମାଣକୁ ତ୍ୱରାନ୍ୱିତ କରିବା ପାଇଁ, ରେଳ ଲାଇନର ଉଭୟ ପାର୍ଶ୍ୱ ଯଥା ତାଳଚେର ଏବଂ ବିମଳାଗଡ଼ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବିମଳାଗଡ଼-ମହୁଲଡିହା ସେକ୍ସନ ପୂର୍ବରୁ ନିର୍ମାଣାଧୀନ ଅଛି ଏବଂ ପାଲଲହଡ଼ା ଏବଂ ମହୁଲଡିହା ମଧ୍ୟରେ ଅବଶିଷ୍ଟ ୩୦.୬୨୫ କିଲୋମିଟର ରେଳ ମାର୍ଗ ପାଇଁ ସମ୍ପ୍ରତି ଏକ ଟେଣ୍ଡର ଆହ୍ୱାନ କରାଯାଇଅଛି ଯାହାକି ନିର୍ମାଣ କାର୍ଯ୍ୟ ପ୍ରକ୍ରିୟା ଅଗ୍ରଗତିକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ପ୍ରାୟ ୧୨ ବର୍ଷ ଧରି ବିଳମ୍ବର ସମ୍ମୁଖୀନ ହୋଇଥିବା ତାଳଚେର-ବିମଳାଗଡ଼ ରେଳ ଲାଇନ ପ୍ରକଳ୍ପ ଏବେ ପୂର୍ବତଟ ରେଳପଥ ପ୍ରଶାସନ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ସହିତ ଅଗ୍ରଗତି ପାଇବାରେ ଲାଗିଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଭୂମି ଅଧିଗ୍ରହଣ ଏବଂ ନ୍ୟାୟାଳୟ ମାମଲା ସହିତ ଜଡିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ଏବଂ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟ ଅନ୍ତର୍ଭୁକ୍ତ। ରେଳ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ପ୍ରାଥମିକତା ଦେଇଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବରେ ଅଧିକାରୀମାନଙ୍କୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ପ୍ରକଳ୍ପ ସମାପ୍ତି ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପୂର୍ବତଟ ରେଳପଥ ଇଞ୍ଜିନିୟରିଂ ଦଳ ସୁନାଖଣି ଏବଂ ସମଲ ଷ୍ଟେସନ ମଧ୍ୟରେ ଅବସ୍ଥିତ ୮୪୦ ମିଟର ଲମ୍ବା ସୁଡ଼ଙ୍ଗରେ ଶେଷ ବିସ୍ଫୋରଣ କିଛି ମାସ ପୂର୍ବରୁ ସଫଳତାର ସହିତ ସମ୍ପାଦନ କରିବା ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ ହୋଇଥିଲା।

# କୀଟତତ୍ତ୍ୱ ବିଜ୍ଞାନୀ ତାଲିମ ଶିବିର

**ଭୁବନେଶ୍ୱର,୧୮।୧ (ମହାଭାରତ):** ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଓଡିଶା, ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ପଥଚାରି ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଭେକ୍ଟର ବାହିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜନ ସଚେତନତାକୁ ବ୍ୟାପକ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହାର ଏକ ଅଂଶବିଶେଷ ସ୍ୱରୂପ ରାଜ୍ୟ ତଥା ଜିଲ୍ଲାସ୍ତରୀୟ କୀଟତତ୍ତ୍ୱ ବିଜ୍ଞାନୀ ଓ କୀଟ ସଂଗ୍ରହକାରୀମାନ

# ଏକକ ନିର୍ବାଚନ ଅସମ୍ଭବ

ରାମନାଥ କୋବିନ୍ଦ କମିଟି ସୁପାରିସ ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକକାଳିନ ହେବ। ସେହିପରି ଲୋକସଭା ଏବଂ ବିଧାନସଭା ନିର୍ବାଚନର ୩ ମାସ ଭିତରେ ସାରା ଦେଶରେ ସ୍ଥାନୀୟ ପୌର ସଂସ୍ଥା ଏବଂ ପଞ୍ଚାୟତ ନିର୍ବାଚନ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏ ସମସ୍ତ ନିର୍ବାଚନ ହେବ। ଏହାର ଉଦ୍ଦେଶ୍ୟ ହେଲା ନିର୍ବାଚନ ବାବଦରେ ହେଉଥିବା ଖର୍ଚ୍ଚ କମାଇବା ଏବଂ ବାରମ୍ବାର ନିର୍ବାଚନ ଆଚରଣବିଧି ଲାଗୁ ହେବା ଦ୍ୱାରା ବିକାଶ ମୂଳକ କାର୍ଯ୍ୟରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହେଉଛି ତାହାକୁ ଦୂର କରିବା। ଏହା ଏକ ଉତ୍ତମ ଚିନ୍ତାଧାରା। ୨୦୦୪ରେ ତତ୍କାଳୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିକ ଏହି ଚିନ୍ତାଧାରା ନେଇ ବିଧାନସଭାକୁ ଆଗୁଆ ଭାଙ୍ଗି ଲୋକସଭା ନିର୍ବାଚନ ସହିତ ଏକାଠି କଲେ। ଆଜି ପର୍ଯ୍ୟନ୍ତ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି କେତେକ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି ହେଉଛି। ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଲୋକସଭା ନିର୍ବାଚନ ସହିତ ଏକତ୍ରିତ କରିବାକୁ ଯେଉଁ ;ଯୋଜନା କରାଯାଉଛି ତାହା କିଛି ଖରାପ ଚିନ୍ତାରା ନୁହେଁ। ଏମିତି ଲୋକସଭା ନିର୍ବାଚନର ୭/୮ ମାସ ପୂର୍ବରୁ କେତେକ ରାଜ୍ୟର ନିର୍ବାଚନ ହେଉଛି। ଲେଶକସଭା ନିର୍ବାଚନ ପରେ ପରେ ହରିୟାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଏହାର ୨ ମାସ ପରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେଉଛି। ଏସବୁ ରାଜ୍ୟ ବିଧାନସଭା ନିର୍ବାଚନ ଲୋକସଭା ସହିତ ଏକାଠି କଲେ ଭଲ ହେବ। ତେଣୁ ସାରା ଦେଶରେ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ପରିବର୍ତ୍ତେ ପ୍ରଥମେ ୧୦/୧୨ଯି ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି କରାଯାଇପାରେ। ପର୍ଯ୍ୟାୟକ୍ରମେ ସାରା ଦେଶରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। କିନ୍ତୁ ଏଥିପାଇଁ ସହମତିର ଆବଶ୍ୟକତା ରହିଛି। ଦୀର୍ଘ ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସ୍ତାବ ଦେଇ ଆସୁଥିଲେ। ଏ ସମ୍ପର୍କରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ ପାନେଲ ଗଠନ କରାଯାଇଥିଲା। ପାନେଲରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘାୱଲ ମଧ୍ୟ ସଦସ୍ୟ ଥିଲେ। ବମିଟି ଗଠିତ ହେବାର ୧୯୧ ଦିନରେ ତାଙ୍କ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। ଏହି ରିପୋର୍ଟକୁ କେନ୍ଦ୍ର ସରକାର ଗ୍ରହଣ କରିଛନ୍ତି। କେନ୍ଦ୍ର କ୍ୟାବିନେଟ ବୈଠକରେ ୱାନ ନେସନ-ୱାନ ଇଲେକ୍ସନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହା ୨୦୨୯ରେ କାର୍ଯ୍ୟକାରୀ କରିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଯଦି ବାସ୍ତବରେ ଏହା କାର୍ଯ୍ୟକାରୀ ହେବ ତେବେ ଏହା ହେବ ସ୍ୱାଧୀନ ଭାରତରେ ସବୁଠାରୁ ବଡ଼ ନିର୍ବାଚନ ସଂସ୍କାର। କମିଟି ତାଙ୍କ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସବୁ ପକ୍ଷର ମତାମତ ଲୋଡ଼ିଥିଲେ। ସମ୍ବିଧାନ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ। ସବୁ କଥା ବିଚାର କରିବା ପରେ କମିଟି ତାଙ୍କ ରିପୋର୍ଟ ଦେଇଛନ୍ତି। ରିପୋର୍ଯରେ ଥିବା ବ୍ୟବସ୍ଥା ଅନୁଯାୟୀ ଲୋକସଭା ସହିତ ସବୁ ରାଜ୍ୟର ବିଧାନସଭା ନିର୍ବାଚନ ଏକାଠି ହେବ। ଏହାର ଶହେ ଦିନ ମଧ୍ୟରେ ଦେଶବ୍ୟାପୀ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ୍ୟ ହେବ। ଗୋଟିଏ ଭୋଟର ତାଲିକା ଆଧାରରେ ଏହିସବୁ ନିର୍ବାଚନ ହେବ। ଏଥିପାଇଁ ଦୁଇଟି ନୂଆ ବିଲ ଏବଂ ପ୍ରାୟ ୧୫ଟି ସଂଶୋଧନ ପ୍ରସ୍ତାବ ସଂସଦର ଉଭୟ ଗୃହରେ ଅନୁମୋଦିତ ହେବା ଆବଶ୍ୟକ। ତାହା ପୁଣି ଦୁଇ ତୃତୀୟାଂଶ ସମର୍ଥନରେ। ଏହା ବାଦ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାରେ ମଧ୍ୟ ଏହାକୁ ପାରିତ କରାଇବା ଜରୁରୀ। କିନ୍ତୁ କଂଗ୍ରେସ ସମେତ ୧୫ଟି ବିରୋଧୀ ଦଳ ଏହାକୁ ବିରୋଧ କରିଛନ୍ତି। ସଂସଦରେ ଶାସକ ମେଣ୍ଟର ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନାହିଁ, ଅନେକ ରାଜ୍ୟରେ ବିରୋଧୀ ଦଳ କ୍ଷମତାରେ ରହିଛନ୍ତି।

# ସତ୍ୟନାମର ମାହାତ୍ମ୍ୟ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

*;ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ।*

ସତ୍ୟନାମରେ ତ୍ରିତାପଜ୍ୱାଳା ବିଦୂରିତ ହୁଏ। ଏହି ନାମ ଦ୍ୱାରା ଯେପରି ଆଧ୍ୟାତ୍ମିକ ଉନ୍ନତ ବା ଆତ୍ମାର ଉନ୍ନୟନ ଅତି ସତ୍ୱର ଅତି ସହଜରେ ହୁଏ, ସେହିପରି ସାଂସାରିକ ଦୁଃଖ-କଷ୍ଟ, ଯନ୍ତ୍ରଣା, ବିପଦ-ଆପଦ, ରୋଗଶୋକାଦି ମଧ୍ୟ ଶୀଘ୍ର ବିଦୂରିତ ହୁଏ। ସାଧାରଣତଃ ଦେଖାଯାଏ ଯେ କୌଣସି ଜଣେ ଲୋକକୁ ଯଦି ଗୋଟିଏ ଅଙ୍କ କରିବାକୁ ଦିଆଯାଏ, ସେ ସେହି ଅଙ୍କଟି କଠିନ ଏକଥା ଶୁଣିଲେ ବା ଅଙ୍କଟି କଠିନ ମନେ କଲେ ତା'ପକ୍ଷରେ ସେ ଅଙ୍କ କରିବା ଆଉ ସାଧ୍ୟ ହୁଏନାହିଁ। 'ଅଙ୍କଟି କରିପାରିବି ନାହିଁ' - ଏହି ଭାବ ମନରେ ଆସିଲେ ସେହି ଅଙ୍କରେ ସେ ଆଉ ମନୋନିବେଶ କରିପାରେନା। ମନଟି ନିବିଷ୍ଟ ନ ହେଲେ ଆଉ ତାହାଦ୍ୱାରା ସେ ଅଙ୍କ ହୋଇପାରେନା। ହୁଏତ ଅଙ୍କଟି ସେ କରିପାରିବ ବିଶ୍ୱାସ କରି ଆରମ୍ଭ କଲେ ସେଥିରେ ତାର ମନ ନିବିଷ୍ଟ ହୁଅନ୍ତା, ଫଳରେ ସେ ଚେଷ୍ଟା କରି ହୁଏତ ସଫଳତା ଲାଭ କରିପାରନ୍ତା। ବିଶ୍ୱାସରେ ମନୋନିବେଶ ହୁଏ ଏବଂ ତଦ୍ୱାରା ଆଭ୍ୟନ୍ତରୀଣ ସୁପ୍ତଶକ୍ତିର ଉଦବୋଧନରେ କାର୍ଯ୍ୟରେ ସଫଳତା ଲାଭ ହୁଏ। ସେଥିପାଇଁ ଭଗବାନ କୃଷ୍ଣ ଶ୍ରୀମଦ ଭଗବତ ଗୀତାରେ କହିଛନ୍ତି - ଯୋଗ କର୍ମସୁ କୌଶଳଂ।

ସେହିପରି ଆମେ ଯେତେବେଳେ ବିଶ୍ୱାସର ସହିତ ଯେକୌଣସି ଉଦ୍ଦେଶ୍ୟରେ ଭଗବାନଙ୍କ ନାମ କରୁ ସେତେବେଳେ ଆମର ମନ ଅନ୍ତର୍ମୁଖୀ ହୁଏ ଏବଂ ସେହି କାର୍ଯ୍ୟରେ ମନୋନିବେଶ ହୁଏ। ନାମ ଜପ କଲେ ନାମର ଗୋଟିଏ ସ୍ପନ୍ଦନ ଉପସ୍ଥିତ ହୁଏ। ସେହି ସ୍ପନ୍ଦନ ଆମର ସର୍ବାଙ୍ଗରେ, ସମସ୍ତ ତନ୍ତୁ, କୋଷ, ସ୍ନାୟୁ ତଥା ସମସ୍ତ ଯନ୍ତରେ, କ୍ରମେ କ୍ରମେ ଅନ୍ତଃରାଜ୍ୟରେ ପ୍ରବେଶ କରି ଅନ୍ତରପ୍ରଦେଶକୁ କମ୍ପିତ କରିବା ଦ୍ୱାରା ମର୍ମସ୍ଥାନ ସଞ୍ଜିବନୀ ଶକ୍ତି କମ୍ପନ ଦ୍ୱାରା ଉତ୍ତେଜିତ ହୋଇପଡ଼େ। ମର୍ମସ୍ଥାନ ବା ଜୀବନୀ ଶକ୍ତି ଉତ୍ତେଜିତ ହେଲେ ଗୋଟାଏ ପ୍ରବାହ ଉପସ୍ଥିତ ହୁଏ, ଏବଂ ସେହି ପ୍ରବାହ ଦ୍ୱାରା ସମସ୍ତ ଯନ୍ତ୍ର, ଶରୀର ଓ ମନର କାର୍ଯ୍ୟକାରିତା ବୃଦ୍ଧି ପାଏ।

ଆମ ଶରୀର ମଧ୍ୟରେ ହିଁ ଆରୋଗ୍ୟକାରୀ ଶକ୍ତି ବର୍ତ୍ତମାନ ଅଛି। କୌଣସି ପ୍ରକାର ଔଷଧ ବା ଉଷ୍ଣତା ବା ଶୈତ୍ୟାଦି ପ୍ରୟୋଗ ଦ୍ୱାରା ରୋଗ ଭଲ ହୁଏ ନାହିଁ। ଏଗୁଡ଼ିକର ପ୍ରୟୋଗ ଦ୍ୱାରା ସେହି ସୁପ୍ତ ଆରୋଗ୍ୟକାରୀ ଶକ୍ତିକୁ ଉଦବୋଧିତ ବା ଜାଗ୍ରତ କରିଦିଏ ବୋଲି ରୋଗ ଆରୋଗ୍ୟ ହୁଏ। ସେହିପରି ଭାବରେ ଜୀବନୀଶକ୍ତି ଉତ୍ତେଜିତ ହେଲେ ଆମ୍ଭମାନଙ୍କ ଶରୀରର ସମସ୍ତ ଯନ୍ତ୍ର କାର୍ଯ୍ୟକ୍ଷମ ହୁଏ। ସେମାନଙ୍କର କାର୍ଯ୍ୟକାରୀ ଶକ୍ତି ଉତ୍ତେଜିତ ହେବା ଦ୍ୱାରା ଆମର ଆଳସ୍ୟ, ମୋହ ଇତ୍ୟାଦି ଦୂରୀଭୂତ ହୋଇ ଆମେ ଖୁବ କାର୍ଯ୍ୟକ୍ଷମ ହେଉ। ପୁଣି ଠିକ୍ ସେହି ହିସାବରେ ଆମ ଦେହର ବା ଦେହ ଯନ୍ତ୍ରର ପୀଡ଼ା ଦୂରୀଭୂତ ହୁଏ। ପୀଡ଼ା ଯଦି ସାଧାରଣ ହୋଇଥାଏ ତେବେ କେବଳ ନାମ ଜପ ଦ୍ୱାରା ତାହାର ନିରାକରଣ ହୋଇପାରେ। ଯେତେ ପରିମାଣର ରୋଗାକ୍ରମଣ ସେତେ ପରିମାଣର ନାମ କମ୍ପନରେ ହିଁ ଉପକାର ହୋଇପାରେ, ଅଥବା ତତପେକ୍ଷା ଉଚ୍ଚ ଡିଗ୍ରୀର ନାମରେ ମଧ୍ୟ ହୋଇପାରେ, କିନ୍ତୁ ନିମ୍ନ ଡିଗ୍ରୀର ନାମରେ ହୋଇପାରେନା। ଯେପରି ଓଁର ଏକ ନିର୍ଦ୍ଦିଷ୍ଟ ଡିଗ୍ରୀର କମ୍ପନ ଅଛି। ସେହି ଓଁ ଜପ କଲେ ବାୟୁମଣ୍ଡଳରେ ନାମକାରୀର ଦେହରେ ବା ଶ୍ରୋତାର ଦେହରେ ଓଁ ଡିଗ୍ରୀର ଯେଉଁ କମ୍ପନ ଅଛି ତାହା ହିଁ ସ୍ପନ୍ଦିତ ହେବ। ଭାବାତ୍ମକ ବା ବର୍ଣ୍ଣାତ୍ମକ ନାମ ଦ୍ୱାରା ସ୍ଥୁଳ କମ୍ପନ ହୁଏ, କିନ୍ତୁ ଧ୍ୱନ୍ୟାତ୍ମକ ନାମ, ଅନାହତ ନାଦ ବା ବୀଜମନ୍ତ୍ର ଦ୍ୱାରା ସୂକ୍ଷ୍ମ କମ୍ପନ ହୁଏ। ପୁଣି ଯେଉଁ ବୀଜମନ୍ତ୍ର ଯେତେ ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅର୍ଥାତ୍ ସତ୍ୟାଦି ଉଚ୍ଚତମ ଧାମର ବୀଜ, ତାହା ଜପ କରିବା ଦ୍ୱାରା ସେତେ ଅଧିକ ସୂକ୍ଷ୍ମଦେଶ, ଇଥର ବା ଇଲେକଟ୍ରନାଦି ପର୍ଯ୍ୟନ୍ତ ଏବଂ ନର ଦେହର ସେତେ ଅଧିକ ସୂକ୍ଷ୍ମଦେଶ ବା ମର୍ମସ୍ଥାନ ପର୍ଯ୍ୟନ୍ତ କମ୍ପିତ ହୁଏ ଏବଂ ସେତେ ବେଶୀ ଶକ୍ତିର କମ୍ପନ ଉପସ୍ଥିତ ହୁଏ, ସୁତରାଂ କଠିନ ରୋଗ ଆରୋଗ୍ୟ ପାଇଁ ବା କୌଣସି କଠିନ କାର୍ଯ୍ୟ ସାଧନ ଅଥବା ଉଚ୍ଚତମ ଆଧ୍ୟାତ୍ମିକତା ଲାଭ କରିବା ପାଇଁ ଉଚ୍ଚତମ ସ୍ତରର ବୀଜ ଜପ କରିବା ଦରକାର।

ସେଥିପାଇଁ ସାଧକ ଗାଇଛନ୍ତି - 'ନାମେ ଶୁଷ୍କତରୁ ମୁଞ୍ଜରିଲ।' ଅର୍ଥାତ୍ ନାମ ଦ୍ୱାରା ଶୁଷ୍କତରୁ ପଲ୍ଲବିତ ହୁଏ। ସେଥିପାଇଁ ନାମ ଦ୍ୱାରା ମୃତ ମଣିଷ ମଧ୍ୟ ବଞ୍ଚିପାରେ। ଯେଉଁମାନେ ରୋଗୀ, ସେମାନଙ୍କୁ ସତ୍ୟନାମ ଜପ କରାଇବା ଦ୍ୱାରା ଉପରୋକ୍ତ କାରଣରୁ ଏବଂ ସେଥି ସହିତ ବିଶ୍ୱାସ ବଳରେ ଆରୋଗ୍ୟ ଲାଭ ଘଟିଥାଏ। ଯେ ଯେଉଁ ଉଦ୍ଦେଶ୍ୟରେ ଯେପରି ଭାବରେ ନାମ କରେ, ସେହି କାର୍ଯ୍ୟରେ ତାହାର ମନୋଯୋଗ ହୋଇ ମନ ସଂଯତ ଓ ସଂଯୁକ୍ତ ହୁଏ ଏବଂ ତାହା ଫଳ ଲାଭ କରିବାରେ ସହାୟତା କରେ। କିନ୍ତୁ ଯେଉଁ ରୋଗୀର ସଂଜ୍ଞାଶୂନ୍ୟାବସ୍ଥା ହୋଇଥାଏ, ତାକୁ ନାମ ଦ୍ୱାରା ଆରୋଗ୍ୟ କରିବାକୁ ହେଲେ, ନାମକାରୀ ବ୍ୟକ୍ତିକୁ ଉଚ୍ଚତମ ଶକ୍ତିମାନ ନାମ ଜପ କରି ନାମମୟ ହୋଇ ରୋଗୀକୁ ସ୍ପର୍ଶ କରି ଏକାନ୍ତ ମନରେ ନାମ କରିବାକୁ ହେବ। ତଦ୍ୱାରା ତାହାର ନାମକାରୀର ଶରୀରରେ ଯେ କମ୍ପନ ହୁଏ ତାହା ବୈଦ୍ୟୁତିକ ଶକ୍ତି ଧାରା ପରି ରୋଗୀର ଶରୀରର ସମଜାତୀୟତା ବଶତଃ ଆଭ୍ୟନ୍ତରରେ ପ୍ରବେଶ କରି ପୂର୍ବୋଲ୍ଲିଖିତ ପ୍ରଣାଳୀ କ୍ରମେ ରୋଗ ନିରାମୟ କରେ। ଏହା ସଙ୍ଗେ ସଙ୍ଗେ ତାହାର ନିରାମୟ ଭାବର ଇଚ୍ଛାଶକ୍ତିର କ୍ରିୟା ମଧ୍ୟ ହୋଇଥାଏ। ମଣିଷର ଶାଖା ଅର୍ଥାତ୍ ହସ୍ତପଦର ଅଙ୍ଗୁଳି ନେଗେଟିଭ ପୋଲର କାର୍ଯ୍ୟ କରେ। ସେହି ଅଙ୍ଗୁଳି ସମୂହରେ ଅନ୍ତର୍ବାହୀ ଓ ବହିର୍ବାହୀ ସ୍ନାୟୁ ରହିଛି, ତଦ୍ୱାରା ଚୈତନ୍ୟ ଶକ୍ତିଧାରା ବାହିତ ହୋଇଥାଏ। ଉତ୍ତମାଙ୍ଗ ବା ଦେହ ପଜିଟିଭ ପୋଲ କାର୍ଯ୍ୟ କରେ। ସୁତରାଂ ଯେ ବ୍ୟକ୍ତି ନାମମୟ ହୋଇ ନାମ କରେ ତାହାର ହସ୍ତ ରୋଗୀର ଉତ୍ତମାଙ୍ଗରେ ବା ଦେହରେ ସଂସ୍ଥାପିତ ହେଲେ ଭଲ କାର୍ଯ୍ୟ ହୁଏ। ନାମର କମ୍ପନ ରୋଗୀର ଗୃହ, ତନ୍ମଧ୍ୟସ୍ଥ ବାୟୁ, ଅଣୁ-ପରମାଣୁ ଓ ଇଥର ଇତ୍ୟାଦିକୁ ମଧ୍ୟ ସ୍ପନ୍ଦିତ କରିଦିଏ। ତାହାର ଫଳ ମଧ୍ୟ ରୋଗୀ ଲାଭ କରିଥାଏ। ଯେପରି କୌଣସି ସ୍ଥାନରେ କୌଣସି ଅସତ୍ କାର୍ଯ୍ୟ କଲେ ବା ଅସତ୍ ବାକ୍ୟ ଉଚ୍ଚାରିତ ହେଲେ ସେହି ସ୍ଥାନର ଅଣୁ-ପରମାଣୁ ଓ ଇଥର ପ୍ରଭୃତିରେ ସେହି ଅସତ୍ ଭାବର କମ୍ପନ ଯେପରି ବିସ୍ତାର ଲାଭ ଘଟିଥାଏ, ନାମ କମ୍ପନରେ ମଧ୍ୟ ତଦ୍ରୂପ ହୋଇଥାଏ। ଗୋଟିଏ ସତ୍ୟ ଘଟଣା ଅଛି। କୌଣସି ଏକ ସ୍ଥାନରେ ଗୋଟିଏ ଛୁରୀ ଦ୍ୱାରା ନରହତ୍ୟା ହୋଇଥିଲା। ତାପରେ ଦେଖାଗଲା, ସେହି ନରହତ୍ୟା ଭାବ କମ୍ପନ ସେହି ଛୁରୀରେ ଏପରି ଭାବରେ ପ୍ରବେଶ କରିଥିଲା ଯେ, ଯେ କେହି ବ୍ୟକ୍ତି ସେହି ଛୁରୀ ହାତରେ ଧରିଲେ ତାହାର ନରହତ୍ୟା କରିବାର ଇଚ୍ଛା ହେଉଥାଏ। ସେହିପରି ସାଧୁପୁରୁଷ ଓ ମହାପୁରୁଷଗଣ ନାମମୟ ରହୁଥିବାରୁ ସେମାନଙ୍କ ଅଙ୍ଗ ସଂଶ୍ଳିଷ୍ଟ ପ୍ରତ୍ୟେକ ବସ୍ତୁ ହିଁ ନାମ କମ୍ପନମୟ ହୋଇଥାଏ। ସେତେବେଳେ ସେହିସବୁ ବସ୍ତୁ ଦ୍ୱାରା ଅନେକଙ୍କର ଅନେକ ଉଦ୍ଦେଶ୍ୟ ସଫଳ ହୁଏ। ଯେପରି ସାଧୁ ପିଟରଙ୍କ ଗାମୁଛା ସ୍ପର୍ଶ ଦ୍ୱାରା ବହୁ ବ୍ୟକ୍ତିଙ୍କର ରୋଗ ଆରୋଗ୍ୟ ହେଉଥିଲା। ସାଧୁଙ୍କ ଚରଣଧୂଳି ବା ଚରଣାମୃତରେ ଅନେକ ରୋଗ ଆରୋଗ୍ୟ ହୋଇଥାଏ। ଜଣେ ଜଜକୋର୍ଟର ଓକିଲ ପୂଣ୍ୟପୋଥିର ଭାଷ୍ୟକାର ଲେଖିଛନ୍ତି ଜଣେ ଭଦ୍ରଲୋକର ହାତ ଧରି ମୋର ମନ ହେଉଥିଲା - ଯେପରି ତାଙ୍କର ସମସ୍ତ ଶିରାକମ୍ପନ ସେହି ଓଁକାର ଧ୍ୱନି ଶୁଣା ଯାଉଛି।

# 'କୋଟା'ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

॥ ଡାକ୍ତର ସମ୍ରାଟ କର ॥

ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ୍ୟ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।

ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁନିଟ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ୍ୟ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।

ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମ

## ପଣ୍ୟ ଖଲାସ ରେ ରେକର୍ଡ କରି ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ

ପାରାଦୀପ(ମହାଭାରତ): ପଣ୍ୟ ଖଲାସ ରେ ପାରାଦୀପ ବନ୍ଦର ପ୍ରାଧିକରଣ ଏକ ନୂତନ ରେକର୍ଡ ସ୍ଥାପନ କରି ନୌବାଣିଜ୍ୟ କ୍ଷେତ୍ରରେ ଦେଶରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହାର ସ୍ଥିତିକୁ ଆହୁରି ସୁଦୃଢ କରିପାରିଛି।ଚଳିତ ବର୍ଷ ଜାନୁୟାରୀ ୧୬ ତାରିଖ ଶୁକ୍ରବାର ଦିନ ପାରାଦୀପ ବନ୍ଦର ସଫଳତାର ସହିତ ୪୨ ଓିଆର ରେକ୍ ଅନଲୋଡ୍ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ତେବେ ଗତ ୨୦୨୨ ମସିହା ଜୁଲାଇ ୧୫ ତାରିଖରେ ୩୯ ଟି ରେକ୍ ଖଲାସ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି ପାରାଦୀପ ବନ୍ଦର । ଏହା ବ୍ୟତୀତ, ଏହି ଗୋଟିଏ ଦିନରେ ୪୫ ଟି ଥର୍ମାଲ୍ କୋଇଲା ରେକ୍ ଅନଲୋଡ୍ କରି ପାରାଦୀପ ବନ୍ଦର ଏହାର ପୂର୍ବ ଶ୍ରେଷ୍ଠ ୪୪ ରେକ ଖଲାସ ରେକର୍ଡ କୁ ଅତିକ୍ରମ କରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁ□ ହାସଲ କରିଛି , ଯାହାକି ଜାନୁଆରୀ ୧୧ ,୨୦୨୫ ର କିଛି ଦିନ ପୂର୍ବରୁ ରେକର୍ଡ ସ୍ଥାପିତ ହୋଇଥିଲା । ଏହି ଅତୁଳନୀୟ ପ୍ରଦର୍ଶନ ଦେଶର ଶିଳ୍ପ ଏବଂ ଶକ୍ତି କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ କରି ପାରାଦୀପ ବନ୍ଦରର କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରମାଣିତ କରିଛି ।ଦକ୍ଷତା ବୃଦ୍ଧି, କ୍ଷମତା ବୃଦ୍ଧି ଏବଂ ବିଶ୍ୱ ବାଣିଜ୍ୟିକ ରହିଦା ବୃଦ୍ଧି ଏବଂ ଏହି ରହିଦା ପୂରଣ ପାଇଁ ପାରାଦୀପ ବନ୍ଦରର ପଣ୍ୟ ପରିଚାଳନାରେ କୀର୍ତ୍ତିମାନ ରେକର୍ଡଗୁଡିକ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି ।

## ୧୬ତମ ବରିଷ୍ଠ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ଆସିକାର ଜିତେନ୍ଦ୍ର ଙ୍କୁ ବ୍ରୋଞ୍ଜ□

ଆସିକା(ମହାଭାରତ)କର୍ଣ୍ଣାଟକ ରାଜ୍ୟର ବେଲଗାଁ ଠାରେ ଅନୁଷ୍ଠିତ ୧୬ ତମ ବରିଷ୍ଠ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ଆସିକା ର ଜିତେନ୍ଦ୍ର କୁମାର ପୋଲାଇ ବ୍ରୋ□ ପଦକ ହାସଲ କରିଛନ୍ତି।ଗତ ମାସରେ କର୍ଣ୍ଣାଟକ ରାଜ୍ୟର ବେଲଗାଁ ଠାରେ ଅନୁଷ୍ଠିତ ୧୬ ତମ ବରିଷ୍ଠ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଏହି ପ୍ରତିଯୋଗିତାରେ ପ୍ରାୟ ୪୦୦ରୁ ଊର୍ଦ୍ଧ ପ୍ରତିଯୋଗିଙ୍କ ସହିତ ଆସିକା ବିଜୁପଟ୍ଟନାୟକ ଛକ ସ୍ଥିତ ଜେ.କେ. ଫିଟନେସ ସେଣ୍ଟର ର ପ୍ରଶିକ୍ଷକ ଜିତେନ୍ଦ୍ର ପୋଲାଇ ଅଂଶଗ୍ରହଣ କରି ବ୍ରୋ□ ପଦକ ହାସଲ କରିବା ସହ ଆସିକା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପରେ ଆସିକା ସହର ବାସୀ ଙ୍କ ପକ୍ଷରୁ ତାଙ୍କ ସମ୍ବର୍ଦ୍ଧନା ରେ ଏକ ରାଲିରେ ଆୟୋଜନ କରି ଜିତେନ୍ଦ୍ର ଙ୍କୁ ଆସିକା ସହର ପରିକ୍ରମା କରାଇଥିଲେ। ଏହି ରାଲିରେ ଜିତେନ୍ଦ୍ର ଙ୍କ ପିତା ପ୍ରଫୁଲ୍ଲ ପୋଲାଇ,ରବିନ୍ଦ୍ର ପୋଲାଇ, ସନ୍ତୋଷ କୁମାର ପୋଲାଇ,ନରହରୀ ପୋଲାଇ ମୁନା ପ୍ୟାରିଦା ସିମା□ଳ ପରିଡା, ବିକାଶ କୁମାର ସାମଲ, ଦିପକ ପୋଲାଇ, ଧବଳେଶ୍ୱର ପ୍ରଧାନ,ସିଦ୍ଧାର୍ଥ ପୋଲାଇ ଙ୍କ ସମେତ ବହୁ ଯୁବ ପ୍ରତିଭା ଉପସ୍ଥିତ ଥିଲେ।

## ବିଦ୍ୟାଳୟ ରେ କଳାକନା ବୁଲାଇଲେ ଲୁଟେରା

ଅଷ୍ଟରଙ୍ଗ(ମହାଭାରତ) : ଅଷ୍ଟରଙ୍ଗ ବ୍ଲକ ନଈଗୁଆ ପଞ୍ଚାୟତ ଓଷ୍ଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରୁ କିଛି ଲୁଟେରା ଗତକାଲି କଳାକନା ବୁଲାଇଛନ୍ତି, ଲକ୍ଷାଧିକ ଟଙ୍କା ର ଶିକ୍ଷା ଉପକରଣ ସହିତ ଛାତ୍ରଛାତ୍ରୀ ଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ବି ଚୋରୀ କଲେ, ସୂଚନା ମୁତାବକ ଶନିବାର ସକାଳ ସମୟ ରେ ବିଦ୍ୟାଳୟ କର୍ମଚାରୀ ବିଦ୍ୟାଳୟ ମୁଖ୍ୟ ଗେଟ ତାଲା ଖୋଲି ଭିତରେ ପ୍ରବେଶ କଲାବେଳେ ବିଦ୍ୟାଳୟ ଭିତରେ ସମସ୍ତ କାର୍ଯ୍ୟାଳୟ ର ତାଲା ଭଙ୍ଗା ହୋଇଥିବାର ଦେଖିଲେ, ବିଦ୍ୟାଳୟ ଶିକ୍ଷକ ମାନେ ଗ୍ରାମ ଲୋକ ଙ୍କୁ ଏ ବାବଦରେ ଅବଗତ କରାଇଥିଲେ, ସମସ୍ତେ ଆସି ଦେଖିଥିଲେ ଯେ ବିଦ୍ୟାଳୟ କାର୍ଯ୍ୟାଳୟ ଭିତରେ ଇନଭର୍ଟର, ଜେରକ୍ସ ମେସିନ, ପାଣି ମଟର, ପିଲା ମାନଙ୍କ କ୍ରୀଡା ସାମଗ୍ରୀ ଓ ଉପର ମହଲା ରେ ସ୍ମାର୍ଟ କ୍ଲାସ ରୁମ ରୁ ବଡ଼ ଟିଭି ସହିତ ଆଉ ଏକ ଟିଭି ଚୋରୀ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ସ୍ଥାନୀୟ ଲୋକ ଅନୁମାନ କରିଛନ୍ତି, ଏହି ବାବଦରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧରଣୀଧର ବେହେରା କାକଟପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି, ଏଠି ସୂଚନା ଅଛି ଯେ ଓଷ୍ଟପୁର ଅ□ଳ ରେ ଖୁଲମଖୁଲା ଧଳାଜହର, ଗଞ୍ଜେଇ ଓ ଚୋରା ମଦ ବ୍ୟବସାୟ ଏତେ ପରିମାଣ ରେ ବୃଦ୍ଧି ହୋଇଛି ଲୁଟେରା ମାନେ ନିଶା ଖାଇବାକୁ ବିଭିନ୍ନ ସ୍ଥାନରେ ଏହିଭଳି ଘଟଣା ଘଟାଉଛନ୍ତି । ଅଷ୍ଟରଙ୍ଗ ହୀରାଦେଇପୁର ରେ ଜଣେ ଅବସରପ୍ରାପ୍ତ ସେନା କର୍ମୀ ଙ୍କ ଘରୁ ଚୋରୀ, ପରେ ନିକଟରେ ଏକ ଶିବ ମନ୍ଦିର ଆଉ ବର୍ତ୍ତମାନ ବିଦ୍ୟାଳୟ, ପ୍ରକୃତ ରେ ଏହି ଚୋରୀ ପଛରେ ରହସ୍ୟ କଣ ରହିଛି ତାହା ପ୍ରଶ୍ନବାଚୀ, ଆଗରୁ ହୋଇଥିବା ଚୋରୀ ସ୍ଥାନରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଂଚିଥିଲେ ବି ଏ ଯାଏ ପୂର୍ ଚୋରୀ ର ସନ୍ଧାନ ପୋଲିସ ହାତରେ ଲାଗିନାହିଁ ତେବେ ବର୍ତ୍ତମାନ ବିଦ୍ୟାଳୟ ଚୋରୀ ତଦନ୍ତ କେଉଁ ଦିଗରେ ଯିବ ତାହା ହିଁ ଅପେକ୍ଷା ।

## ତିରିଙ୍ଗ ଯୁବକ ସଙ୍ଘ ତରଫରୁ ଶହେ ତମ କ୍ରୀଡା ଓ ନୃତ୍ୟ ପ୍ରତିଯଗୀତା ଅନୁଷ୍ଠିତ

ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗ ବ୍ଲକ ଅନ୍ତର୍ଗତ ତିରିଙ୍ଗ ହାଇ ସ୍କୁଲ ପଡିଆ ଠାରେ ଆଜି ଶହେ ତମ କ୍ରୀଡା ଓ ନୃତ୍ୟ ପ୍ରତିଯଗୀତା ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କ୍ରୀଡା ଓ ନୃତ୍ୟ ପ୍ରତିଯଗୀତା ର ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଜଲେନ ବାର୍ଦ ତାଙ୍କ ସହିତ ମଞ୍ଚରେ ଉପସ୍ଥିତ ଥିଲେ ତିରିଙ୍ଗ ଯୁବକ ସଙ୍ଘ ର ସଭାପତି ଭାଗିରଥି ପାତ୍ର, ପୂର୍ବତନ ଚେୟାରମ୍ୟାନ ବଳଦେବ ହେମ୍ବ୍ରମ , ପରେଶ ଚନ୍ଦ୍ର ମୁଣ୍ଡା ଜିଲ୍ଲାପରିଷଦ ଜନ ନମ୍ବର ୨୦, ପୂର୍ବତନ ସରପ□ ଅର୍ଜୁନ ମୁର୍ମୁ । ଆଜିର ଏହି କ୍ରୀଡା ପ୍ରତିଯଗୀତା ରେ ବିଭିନ୍ନ ପ୍ରକାର କ୍ରୀଡା ଅନୁଷ୍ଠିତ ହୋଇଥିଲା । ବାଳକ, ବାଳିକା, ଶିଶୁ, ମହିଳା ମାନଙ୍କ ର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଜିର ଏହି କ୍ରୀଡା ପ୍ରତିଯୋଗିତା ରେ ସବୁଠାରୁ ଆକର୍ଷଣୀୟ କ୍ରୀଡା ଥିଲା ଯୁବକ ମାନଙ୍କର ସାଇକେଲ ରେସ । ଏହି କ୍ରୀଡା ପ୍ରତିଯୋଗିତା ରେ ଯଉମାନେ ପ୍ରଥମ,ଦ୍ୱିତୀୟଓ ତୃତୀୟ ଇସ୍ଥାନ ଅଧିକାର କରିଥିଲେ ସେମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ମାନେ । ଏହି କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଦେଖିବା ପାଇଁ ହଜାର ହଜାର ସଂଖ୍ୟା ରେ କ୍ରୀଡା ପ୍ରେମୀ ମାନେ ଉପସ୍ଥିତ ହୋଇ କ୍ରୀଡା ଓ ନୃତ୍ୟ ର ମଜା ଉଠାଇ ଥିଲେ । ଏହି କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ରେ ତିରିଙ୍ଗ ଯୁବକ ସଙ୍ଘ ର ଯୁବକ ମାନେ ଶଙ୍କର କ୍ଷେତ୍ରୀ, ମହମଦ ଖାଁ, ଦୁଲଭ ମାଝୀ, ସରସ୍ୱତୀ ହେମ୍ବ୍ରମ, ଜଗନ୍ନାଥ ବାରିକ, ହାବିଉଲା ଖାଁ ଏମାନେ ସମସ୍ତେ ମିଶି ଏହି କ୍ରୀଡା ଓ ନୃତ୍ୟ ପ୍ରତିଯୋଗିତା ଟିକୁ ଶାନ୍ତି ଶୃଙ୍ଖଳା ଭାବରେ ରେ ପରିଚାଳନା କରିଥିଲେ ।

## ବାଲିଗୁଡ଼ା ପ୍ରଶାସନର ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ,ଭାଗିଂଲା ଆଟଳିକା

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବିଜ୍ଞାପିତ ଅ□ଳ ପରିଷଦ ୧୧ ନମ୍ବର୍ ୱାର୍ଡରେ ପଣସପଡ଼ି ବାଇପାସରେ ପ୍ରଥମ ପର୍ଯ୍ୟାୟରେ ଜବର ଦଖଲ ଜମିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛି ବାଲିଗୁଡ଼ା ପ୍ରଶାସନ । ବାଲିଗୁଡ଼ା ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ନେତୃବରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି ।ବାଲିଗୁଡ଼ । ଉପଜିଲ୍ଲାପାଳ ଡ଼ିନା ପ୍ରଧାନ ଓ ବାଲିଗୁଡ଼ା ଥାନା ପୋଲିସ୍ ଅଧିକାରୀ ଯୁଗଳ କିଶୋର ନାୟକଙ୍କ ଉପସ୍ଥିତ ରେ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ବିଧିବଦ୍ଧ ଭାବେ ରାସ୍ତା ଉନ୍ନତି ନିମନ୍ତେ ପୂର୍ବ ନୋଟିସ୍ ପ୍ରକାରେ ସରକାରୀ ଜମିରେ ଜବର ଦଖଲ କରି ବଡ଼ ବଡ଼ ଘର ତିଆରି କରି ଭଡ଼ା ଲଗାଇ ଥିବା ଜଣାପଡିଛି। ଆଜି ପ୍ରଥମ ପର୍ଯ୍ୟାୟରେ କିଛି ଘର ଉଚ୍ଛେଦ କରୁଥିବା ବେଳେ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ ଚାଲୁ ରହିବ ବୋଲି ତାହସିଦର ଦୀପ୍ତି ରଞ୍ଜନ ବେହେରା ପ୍ରତିକ୍ରିୟାରେ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମୟରେ ପୋଲିସ୍ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ ବାଲିଗୁଡ଼ା ବିଜ୍ଞାପିତ ଅଚଂଳରେ ସରକାରୀ ଚାକିରିଆ ଓ ସରକାରୀ ଜମି ହଡପ କରି ବିକ୍ରି କରୁଥିବା ଦଲାଲ ଙ୍କ ବିରୋଧରେ କେବେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ବାକି ରହିଲା ।

## ଚହକା ଉଚ୍ଚ ବିଦ୍ୟାଳୟରେ ନବମ ବାର୍ଷିକ ଉତ୍ସବ ପାଳିତ

ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ଗ୍ରାମପଞ୍ଚାୟତ ସରକାରୀ ଉନ୍ନତି ବିଦ୍ୟାଳୟ ଠାରେ ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ସାଙ୍ଗ କୁ ସାହିତ୍ୟ ସୃଜନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେଶ କୁମାର ପୁଟେଲଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ,ଚାହକା ଗ୍ରାମ ପଞ୍ଚାୟତ ସରପଞ୍ଚ ହେମବତ୍ତି ତାଣ୍ଡି ,କେଗାଁ ଜୋନ ଜିଲ୍ଲାପରିଷଦ ଜୟସେନ ସାହୁ ,ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ସିଆରସିସି ସ୍ୱରାଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଗଣିତ ଶିକ୍ଷକ ଯେମନ୍ତ କୁମାର ସରାଫ ବାର୍ଷିକ ବିବରଣୀ ପଠନ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ପ୍ରକାର କଳା, ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା। କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ମଞ୍ଚାସୀନ ଥିବା ଅତିଥି ଦ୍ୱାରା ମାନ ପତ୍ର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତୃତା ଭାବରେ କୃଷ୍ଣଚନ୍ଦ୍ର ବିଶ୍ୱାଳ ସୁନ୍ଦର ଶବ୍ଦ ସଂଯୋଜନା କରି ଥିଲେ। ରାଜୀବ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପରିଚାଳନା କମିଟି ସଭାପତି, ସଭ୍ୟ/ ସଭ୍ୟା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ,ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜୟଦୁର୍ଗା ଟ୍ରଷ୍ଟ ପକ୍ଷରୁ ମାଗଣା ହୁଇଲ ଚେୟାର ବଣ୍ଟନ

ହାଟଡିହ(ମହାଭାରତ):ହାଟଡିହି ବ୍ଲକର ବିଭିନ୍ନ ସେଚ୍ଛା ସେବୀ ସଂଗଠନ ମାନଙ୍କ ମଧ୍ୟରୁ ଜୟ ଦୁର୍ଗା ଟ୍ରଷ୍ଟ ସବୁ କିଛି କିଛି ଲୋକ ଙ୍କୁ ସାହୋଜୋଗ ର ହାତ ବଢାଇ ଥାଏ। ସେହି ପରି ଶନି ବାର ମଧ ନିଜ ଘର ହାଟଡିହି ରେ ପଝଶ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶା ବାଡି, ଶ୍ରବଣ ଯନ୍ତ୍ର, ହୁଇଲ୍ ଚେୟା ର , ଝିଅ ମାନଂକୁ ମାଗଣା ସିଲାଇ ମେସିନ ଯୋଗାଇ ଦେଇ ଶିକ୍ଷା ଲାଭ ନିମନ୍ତେ ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟ ର ଅଧକ୍ଷା ସୁରେଶ୍ୱରୀ ସାଗରିକା ଜେନା, ଚୀନୁ ସାହୁ, ସବିତା ଜେନା, ସୁଶାନ୍ତ ସାମଲ, ଦେବାଶିଷ ଦାସ, ଅବିନାଶ ତ୍ରିପାଠୀ, ସନ୍ତୋଷ ଖୁଣ୍ଟିଆ, ତୃପ୍ତି ମୟୀ ନାୟକ, କୈଳାଶ ଚନ୍ଦ୍ର ନାୟକ ପ୍ରମୁଖ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।

## ବରିଷ୍ଠ ସାମ୍ବାଦିକ ରଞ୍ଜନ ମହାନ୍ତିଙ୍କ ପରଲୋକ

କୋଇଡା (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡରେ ସାମ୍ବାଦିକତାର କ୍ଷେତ୍ରର ଜନକ କହିଲେ ବରିଷ୍ଠ ସାମ୍ବାଦିକ ରଞ୍ଜନ ମହାନ୍ତିଙ୍କୁ ସମସ୍ତେ ଜାଣୁଥିଲେ। ଦୀର୍ଘ ୨୦ ବର୍ଷ ଦୈନିକ ଖବରକାଗଜ ସମ୍ବାଦରେ ସାମ୍ବାଦିକ ଭାବରେ କାର୍ଯ୍ୟ ତୁଲାଇ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଶ୍ରେଷ୍ଠ ସାମ୍ବାଦିକ ଭାବେ ପୁରସ୍କୃତ ମଧ୍ୟ ହୋଇଥିଲେ । ୦୮-୦୩-୧୯୫୬ ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ମହାନ୍ତି କେବଳ ଯେ ସାମ୍ବାଦିକ ଭାବରେ ପରିଚିତ ଥିଲେ ତାହା ନୁହେଁ ବରଂ ସେ ଜଣେ ସ୍ୱାଭିମାନୀ ମଣିଷ , ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସୁଲେଖକ , ସମାଜସେବା କ୍ଷେତ୍ରରେ ବି ତାଙ୍କ ବେଶ ରୁଚି ରହିଥିଲା । କୋଇଡା ଟେନସା ଅ□ଳରେ ରହି ସେ କେତେ ସଂଗଠନ , କଳା ପରିଷଦ, ନାଟ୍ୟ ମଞ୍ଚ ନିର୍ମାଣ ରେ ତାଙ୍କର ବେଶ ଭୂମିକା ରହିଥିଲା । କେତେ ଲୋକ , ଯୁବ ବର୍ଗ ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ତାଙ୍କୁ ଅନୁକରଣୀ କରି ସାମ୍ବାଦିକ ଭାବରେ ନିଜକୁ ଗଢି ତୋଳିଛନ୍ତି ଯ କୋଇଡା ସାମ୍ବାଦିକ ସଂଘର ଉପଦେଷ୍ଟା ମଧ୍ୟ ରହିଥିଲେ ହେଲେ ଆଜି ସେ ଆମ ଗହଣରେ ଆଉ ନାହାନ୍ତି , କିଛି ଦିନ ଧରି ଶାରୀରିକ ଅସୁସ୍ଥତାରୁ ସେ ତାଙ୍କ ଟେନସା ସ୍ଥିତ ବାସଭବନରେ ରହିଥିଲେ ବିଳମ୍ବିତ ରାତି ୨ ଘଟିକା ସମୟରେ ସେ ଅଚେତ ହୋଇପଡିଥିଲେ। ପୁଅ ରାକେଶ ମହାନ୍ତି ଓ ପରିବାର ବର୍ଗ ତାଙ୍କୁ ଟେନସା ସେଲ ହସପିଟାଲ ନେଇଥିଲେ ଯେଉଁଠି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ସକାଳୁ ତାଙ୍କ ଶେଷ ଦର୍ଶନ ପାଇଁ ବହୁ ଭିଡ ଲାଗିବା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପରଲୋକରେ ବରିଷ୍ଠ ସାମ୍ବାଦିକ ରଞ୍ଜନ ମହାନ୍ତି କିନ୍ତୁ ଶୋକରେ ସମ୍ପୂର୍ଣ୍ଣ ଅଞ୍ଚଳ । ସେ ସିନା ନିରବି ଗଲେ ଯାହାଙ୍କର କ୍ଷତି କେବେ ପୁରଣ ହେବ ନାହିଁ ହେଲେ ତାଙ୍କ ହାତଲେଖା ବହି , ଅନୁଚ୍ଛେଦ, ଜିବନୀ ସଦା ସର୍ବଦା ଉଜ୍ଜୀବିତ ହୋଇ ରହିବ । ତାଙ୍କୁ ଭାବପୁର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମସ୍ତ ଅଞ୍ଚଳ ବାସୀ ଓ ଜିଲ୍ଲାର ସାମ୍ବାଦିକ ଗଭୀର ସମବେଦନା ଜଣାଇଛନ୍ତି ।

## ନବୋଦୟ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଶେଷୟ

ହାଟଡିହି ରାଜ୍ୟ ନବୋଦୟ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଶେଷ ହୋଇଛି । ଏହି କ୍ରମ ରେ ହାଟଡିହି ବ୍ଲକ ରେ ମୋଟ ଦୁଇଟି ପରୀକ୍ଷା ସେଣ୍ଟର ହୋଇଥିବା ବେଳେ ଏଥିରେ ୬୩୭ ଜଣ ପରୀକ୍ଷାର୍ଥି ପରୀକ୍ଷା ଦେବାକୁ ସିକୃତି ପାଇଥିଲେ। ସେଥିମଧ୍ୟରୁ ହାଟଡିହି ଉଚ ବିଦ୍ୟାଳୟ ରେ ମୋଟ ୩୨୨ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସାଳ ନିଆ ଉଚ ବିଦ୍ୟାଳୟ ରେ ୨୮୪ଜଣ ପିଲା ଉପସ୍ଥିତ ରହିଥିବା ବେଳେ ଉଭୟ ପରୀକ୍ଷା କେନ୍ଦ୍ର ରେ ମୋଟ ୩୧ଜଣ ଅନୁପସ୍ଥିତ ଛାତ୍ର ଛାତ୍ରୀ ରହିଥିଲେ। ଏହି ପରୀକ୍ଷା କୁ ନବୋଦୟ ବିଦ୍ୟାଳୟ ପକ୍ଷରୁ ସୁପରି ଟେଣ୍ଡ ପରିଚାଳନା କରିଥିଲେ।

## ନୂଆପଡାରେ ଭଉା ସଙ୍ଘର୍ଷ ସମିତି ପକ୍ଷରୁ ଭଉା ହୀତାଧିକାରୀଙ୍କ ସମାବେଶ

ପାଟଣା:-(ମହାଭରତ) ପାଟଣା ବ୍ଲକ ଅନ୍ତର୍ଗତ ଟାଙ୍ଗରପଡା ପଞ୍ଚାୟତ ନୂଆପଡା ଗ୍ରାମରେ ଓଡ଼ିଶା ଭଉା ପ୍ରଦାନ ସଙ୍ଘର୍ଷ ସମିତି ପକ୍ଷରୁ କେନ୍ଦୁଝର କମିଟି ଦ୍ୱାରା ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା କାର୍ଯ୍ୟକାରିଣୀ ଖଗେଶ୍ୱର ମହନ୍ତଙ୍କ ସଭାପତିତ୍ୱ ରେ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଙ୍ଘର୍ଷ ସମିତିର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି ଯୋଗଦାନ କରି ଗତ ୧୫ତାରିଖରେ କେନ୍ଦୁଝର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଉା ହିତାଧିକାରି ମାନଙ୍କୁ ଭଉା ପ୍ରଦାନର ଶୁଭା ଆରମ୍ଭ କରିଥଲେ । ଠିକ୍ ସେହି ଦିନ ସଙ୍ଘର୍ଷ ସମିତି ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ସମସ୍ତଙ୍କୁ ୩ହଜାର ଟଙ୍କା ଭଉା ପ୍ରଦାନ ନ କରିଥିବାରୁ ସଙ୍ଘର୍ଷ ଦିବସ ଭାବେ ପ୍ରତିବାଦ କରିଥଲେ ବୋଲି ଶ୍ରୀ ମହାନ୍ତୁ ପ୍ରକାଶ କରିଥିଲେ।ରାଜ୍ୟରେ ମଧୁ ବାବୁ ପେନସନ ଯୋଜନା ଭଳି ଜାତୀୟ ସାମାଜିକ ସୁରକ୍ଷା ଅନୁଯାଇ ୫୪ଲକ୍ଷ ହିତାଧିକାରୀ ଭଉା ପାଇଁ ଅପେକ୍ଷା କରିଥିବା ବେଳେ ତର ତରିଆ ଭାବେ 

## ହିନ୍ଦୋଳରେ ଅଚଳ ଟାୱାର ଜନସାଧାରଣଙ୍କ ଜୀବନପ୍ରତି ବିପଦ

କଳଙ୍କିତ ଅ୍ୟବହୃତ ଏୟାର ସେଲର ବିଶାଳ ଟାୱାର ସହ ଗୁଣ୍ଡିଝ ମଣ୍ଡପ ନିକଟରେ ରହିଛି ବିଶାଳ ଅ୍ୟବହୃତ ଟାଓ୍ୱାର ସବୁସେହିପରି ୱାର୍ଡ ନଂ ୩ ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ.ଏ.ସିରେ ଅନେକ ଗୁଡିଏ ଅଚଳ ମୋବାଇଲ ଟାୱାର ପାଇଁ ଜନଜୀବନ ପ୍ରତି ସୃଷ୍ଟି କରିଛି ବିପଦ। ହିନ୍ଦୋଳ ଏନ ଏ ସି ୱାର୍ଡ ନଂ ୮ର ମେଡିକାଲ ଛକ ପାଖରେ ଅଛି ବିପଦପୂର୍ଣ୍ଣ ଅବସ୍ଥାରେ ଅମଲାପଡାରେ ୨ଟି , ୱାର୍ଡ଼ ନଂ ୧୧ ନୂତନପଟଣା ୧ଟି, ୱାର୍ଡନଂ ୪ ନୂଆପାଣିସାହିରେ ୩ଟି,ଏହିପରି ଅନେକ ସ୍ଥାନରେ ଅନେକ ଅ୍ୟବହୃତ ବିପଦପୂର୍ଣ୍ଣ ମୋବାଇଲ ଟାଓ୍ୱାର ରହି ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାସହ କେତେବେଳେ ସେସବୁ ଚଳିପଡି ମାଡି ବସିବ ତାହା କହିହେବନି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ଓ ଜମିହରା ପ୍ରଜା ଟାଓ୍ୱାର କମ୍ପାନୀ କୁ ବାରମ୍ବାର ଜଣାଇବା ପରେ ଟାଓ୍ୱାର କମ୍ପାନୀ କୁମ୍ଭକର୍ଣ୍ଣ ନିଦ୍ରାରେ ବେଫିକର ହୋଇ ବସିଛି । ଜମିହରା ପ୍ରଜା ଓ ଟାଓ୍ୱାର କମ୍ପାନୀଙ୍କ ଚୁକ୍ତିନାମା ହିସାବରେ ମାସିକ ଭଡା ମଧ୍ୟ ୨୦୧୮ ମସିହା ପରଠାରୁ ଜାଗା ମାଲିକ ମାନଙ୍କୁ ଟଙ୍କାଟିଏ ଦେଉନାହିଁ କମ୍ପାନୀ। ମୁକୁଳା ବିପପୂର୍ଣ୍ଣ ଟାଓ୍ୱାର କୁ ପକାଇ ଚୁପ ବସିଛନ୍ତି ଟାଓ୍ୱାର କମ୍ପାନୀ ମାନେ ।ଯଦି ସେଇ ଟାଓ୍ୱାର ସବୁକୁ ଖୋଲା ନ ଯାଏ ଆଗାମୀ ଦିନରେ ଗଳି ପାରେ ବା ଜନସାଧାରଣଙ୍କ ବସ୍ତି ଉପରେ ମାଡି ବସିବା ଆଶଙ୍କା ବହୁତ ଥିବାବେଳେ ଜନସାଧାରଣ ଓ ଜମିମାଲିକ ଯଥାଶୀଘ୍ର ଅଚଳ ଟାଓ୍ୱାର ସବୁ ଖୋଲିବାସହ ବକେୟା ଭଡା ଟଙ୍କା ଯଥା ଶୀଘ୍ର ଦେବାକୁ ଦାବି କରିଛନ୍ତି।

## କଳାହାଣ୍ଡି ଜିଲ୍ଲା ସଂସ୍କୃତି ଭବନ ର ଭିତ୍ତିପ୍ରସ୍ତର ସ୍ଥାପନ

କଳାହାଣ୍ଡି/ମହାଭାରତ: କଳାହାଣ୍ଡି ଜିଲ୍ଲା ନୂତନ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମୋଦନ କ୍ରମେ ୫,୪୯,୯୫,୨୦୦ ଟଙ୍କା ର ବଜେଟ ରେ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଭବାନୀପାଟଣା ନିକଟରେ ନିର୍ମାଣ ହେବାକୁଥିବା ନୂତନ ସଂସ୍କୃତି ଭବନ ର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଆଜି ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନୂତନ ସରକାର ଆସିଲା ପରେ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ କଳାହାଣ୍ଡି ର ଲୋପ ପାଇଯାଉଥିବା ନୃତ୍ୟ, କଳା, ସଙ୍ଗୀତ, ନାଟକ ଓ କଳାକାରଙ୍କର ବିକାଶ ଓ ଉନ୍ନତି ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରିରହିଛି ଏବଂ ଏଥିପାଇଁ କଳଚର୍ ପଲିସି ରେ ରଖାଯାଇଛି। ଲୋକଙ୍କର ସୁବିଧା ପାଇଁ ନୂତନ ନିର୍ମାଣ ହେବାକୁ ଥିବା ସଂସ୍କୃତି ଭବନ ରେ ଇ ଲାଇବ୍ରେରୀ ର ବ୍ୟବସ୍ଥା ରଖାଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ। ଏବଂ ଜିଲ୍ଲା ର ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଯୁବ ସେବା ର ବିକାଶ ଓ ଉନ୍ନତି ପାଇଁ ସରକାର ଗୁରୁ ଦେଇ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ। ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଳବିକା ଦେବୀ ମାନ୍ୟବର ସାଂସଦ କଳାହାଣ୍ଡି,ମାନ୍ୟବର ସାଂସଦ ରାଜ୍ୟ ସଭା ସୁଜିତ କୁମାର, ମାନ୍ୟବର ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ ଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା ର ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବାରୁ ମାନ୍ୟବର ମନ୍ତ୍ରୀ ଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେଯ କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା କୁ ଅଧିକ ପ୍ରସାର ପ୍ରଚାର କରିବା ସହିତ ବିଶ୍ ଦରବାରରେ କିପରି ପହ□ିବ ସେଥିପାଇଁ ମାନ୍ୟବର ମନ୍ତ୍ରୀ ସ୍ତନ୍ତ ଦୃଷ୍ଟି ଦେବା ପାଇଁ ସଂସାଦ ମାଳବିକା ଦେବୀ ଦୃଷ୍ଟି ଆକର୍ଷଣ କରିଥିଲେଯ ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ଓ୍ୱାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

## ଜିଲ୍ଲା ସ୍ତରୀୟ କୃଷି ମହୋତ୍ସବ ଓ ଯନ୍ତ୍ରପାତି ମେଳା ର ଦ୍ୱିତୀୟ ଦିବସ

ଦେବଗଡ଼(ମହା ଭାରତ) ଆଜି ଜିଲ୍ଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚା ଠାରେ ପାଞ୍ଚଦିନିଆ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ଜିଲ୍ଲାପରିଷଦ କୌଶିକ କୁମାର ପ୍ରଧାନ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜେନା ମଣି ବିଭୁତି ଭୂଷଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ ଦୀପକ କୁମାର ମହାନ୍ତ, କୃଷି ନିର୍ବାହୀ ଯନ୍ତ୍ରୀ ଦିବ୍ୟ ଲୋଚନ ସାହୁ ବରେଣ୍ୟ ଅତିଥି ଭାବେ ଯୋଗଦେଇ କମ ମାନବ ସମ୍ବଳ ରେ ଯାନ୍ତ୍ରିକ ପଦ୍ଧତି ରେ ଅଧିକ ଜମି ଚାଷ କରିହେବ। ହଳ କରିବା ଠାରୁ ବୁଣିବା, ରୋଇବା, କାଟିବା, ଅମଳ କରିବା ପରେ କୃଷି ଜାତ ଦ୍ରବ୍ୟ ସାହିତି ରଖିବା ପର୍ଯ୍ୟନ୍ତ ଯାନ୍ତ୍ରିକ ଉପକରଣ ବ୍ୟବହାର କରି ଚାଷୀ ଅଧିକ ଲାଭବାନ ହୋଇପାରିବେ । ପାରମ୍ପରିକ ଉପାୟରେ କରାଯାଉଥିବା ଚାଷ ଠାରୁ କମ ସମୟରେ ଅଧିକ କାମ କୃଷି ଯନ୍ତ୍ରପାତି ଦ୍ୱାରା ହେଉଅଛି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲ୍ଲା ର କୃଷି କ୍ଷେତ୍ରରେ ଅଗ୍ରଣୀ ଚାଷୀ ପାଇଁ ବାରକୋଟ ଲୋଜି ପ୍ରଧାନ, ରିଆମାଳ ବ୍ଲକ ର ପ୍ରଲ୍ଲାଦ ପ୍ରଧାନ, ତିଲେଇବଣି ବ୍ଲକ ର ଶୋଭିନ କୁମାର ସାମଲ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରିଥିଲେ । ପ୍ରଦର୍ଶନୀ ମେଳା ରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲ୍ଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଷ୍ଟଲ ଖୋଲାଯାଇଛି । ସହକାରୀ କୃଷି ଅଧିକାରୀ ଡ଼ ଗୌରୀ ଶଙ୍କର ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକୁ ସଂଯୋଜନା କରିଥିଲେ ପଙ୍କଜିନୀ ନାଏକ ଓ ବିଦେଶୀ ସାହୁ ।

## ବାଇକ୍ ଦୁର୍ଘଟଣାରେ ଦୁଇ ମୃତ ଜଣେ ଆହତ

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଗୋଛାପଡା ଥାନା ଅଧିନସ୍ଥ ବାଇକ ଦୁର୍ଘଟଣାରେ ପ୍ରଧାନ ଶିକ୍ଷକ ଘଟଣା ସ୍ଥଳରେ ମୃତ୍ୟୁ ଓ ବାଇକ ଚାଳକ ମେଡିକାଲରେ ମୃତ୍ୟୁ ଜଣେ ଆହତ। ସୂଚନା ଅନୁଯାୟୀ ଗତକାଲି ସକାଳ ୧୦ଘ□ା ସମୟରେ ଗୋଛାପଡାଥାନା ଅନ୍ତର୍ଗତ ଅଗ୍ରଗାମୀ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାଫଳରେ ଜଣେ ଶିକ୍ଷକଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତ୍ୟୁ ଶିକ୍ଷକ ଜଣକ ନୁଆ ପଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ ବୋଲି ଜଣାପଡ଼ିଛ।ସେ ବାଘଡଙ୍ଗୁରି ସ୍କୁଲ କୁ ବୈଠକ ରେ ଯୋଗଦେବାକୁ ଯାଉଥିବା ବେଳେ ଫୁଲବାଣୀ ଗୋଛାପଡା ରାସ୍ତା ଅଗ୍ରଗାମୀ ନିକଟରେ ବାଇକ୍ ରେ ଯାଉଥିବା ବେଳେ ଗୋଛାପଡା ରୁ ବିଶ୍ୱମ୍ଭର କହଁର ଓ ଅନ୍ୟ ଜଣେ ଯୁବକ ବାଇକ ଯୋଗେ ଦ୍ରୁତ ଗତିରେ ଯାଉଥିଲେ। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାଫଳରେ ଏହି ଦୁର୍ଘଟଣା ଘଟିଯାଇଥିବା ବେଳେ ।ଗୋଛାପଡା ପୋଲିସ ଖବର ପାଇ ଭାରପ୍ରାପ୍ତ ଥାନା ଅଧିକାରୀ ଚିରଞ୍ଜିବୀ ବେହେରାଙ୍କ ନେତୃବରେ ଏକ ଟିମ୍ ଘଟନ କରି ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତ୍ୟୁ ଶିକ୍ଷକଙ୍କ ଶବ ଓ ଆହତ ବିଶ୍ୱମ୍ଭର କହଁର କୁ ଉଦ୍ଧାର କରାଯାଇଥିଲା ଏବଂ ସୂଚନା ପ୍ରକାରେ ଶବଟିକୁ ବ୍ୟବଚ୍ଛେଦ ପାଇଁ ଅମ୍ବୁଲାନ୍ସ ଯୋଗେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେଯ ବିଶ୍ୱମ୍ଭର କହଁର ଗୁରୁତର ଆହତ ତାଙ୍କୁ ମଧ୍ୟ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା ଚିକିତ୍ସିତ ହେଉଥିବା ସମୟରେ ବିଶ୍ୱମ୍ଭର କହଁରଙ୍କ ମୃତ୍ୟୁ ଘଟିଥିବା ଫୁଲବାଣୀ ଡାକ୍ତର ମୃତ୍ୟୁ ଘୋଷଣା କରିଥିବା ଶୁଣିବାକୁ ମିଳିଛି। ଏହି ଦିଗରେ ମୃତ୍ୟୁ ଶିକ୍ଷକ ଓ ବିଶ୍ୱମ୍ଭର କହଁର ଏହି ଦୁଇ ଜଣଙ୍କର ଏକ ଅପମୃତ୍ୟୁ ମାମଲା ରୁକୁ କରାଯାଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଦନ୍ତ କରାଯିବ ବୋଲି ଗୋଛାପଡା ଥାନା ଅଧିକାରୀ ଚିରଞ୍ଜିବୀ ବେହେରା ସୂଚନା ଦେଇଛନ୍ତି। ତେବେ ବୁଦ୍ଧି ଜୀବି ମହଲରେ ଆଲୋଚନା କରାଯାଉଛି ଦ୍ରୁତ ଗତିରେ ଚଳାଉଥିବା ବାଇକ ହେଉ କିମ୍ବା ଚାରିଚକିଆ ଯାନ ବାହାନ ହେଉ ଏହି ଗୁଡିକ ଯାଞ୍ଚ କରି ସେମାନଙ୍କୁ ନିୟମାନୁଯାୟୀ ଉଚିତ ଭାବରେ ଦଣ୍ଡିତ ସମେତ ସଚେତନତା କରାଯାଉ ଯାହା ଫଳରେ ଦୁର୍ଘଟଣାରେ ଜନିତ ଘଟଣାରୁ ସୁରକ୍ଷିତ ରହିବେ।

## କାର ଦୁର୍ଘଟଣା ରେ ୨ ଜଣ ଅପେରା କର୍ମକର୍ତ୍ତା ଗୁରୁତର

କରଞ୍ଜିଆ, (ମହାଭାରତ) ଶନିବାର ସନ୍ଧ୍ୟାରେ କାର ଦୁର୍ଘଟଣା ରେ ଦୁଇଜଣ ଗୁରୁତର । ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ଦୁଇଜଣ ଗୁରୁତର ଙ୍କୁ ଅଧିକ ଚିକିତ୍ସା ପାଇଁ ଘଷିପୁରା ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନରିତ କରାଯାଇଛି । ସୂଚନା ରୁ ପ୍ରକାଶ ମୟୂରଭଞ୍ଜ ଜିଲ୍ଲା ଯଶିପୁର ନିକଟ ମଣଦା ଠାରେ ଯାତ୍ରା ପରିବେଷଣ କରୁଥିବା କେନ୍ଦ୍ରାପଡ଼ା ଅଞ୍ଚଳ ର ରଙ୍ଗ ତରଙ୍ଗ ଅପେରା ପାର୍ଟି ର ୨ ଜଣ କର୍ମକର୍ତ୍ତା କାର ଦୁର୍ଘଟଣା ରେ ଗୁରୁତର ହୋଇଛନ୍ତି।ଶନିବାର ଦିନ ଆସିଷ୍ଟା□ ମ୍ୟାନେଜର ଓ ଅନ୍ୟ ଜଣେ କର୍ମଚାରୀ ଏକ କାର ଯୋଗେ ମଣଦା ରୁ କେନ୍ଦ୍ରାପଡା ର ନିଜ ଗ୍ରାମ କୁ ଯାଉଥିବା ବେଳେ ସଂନ୍ଧ୍ୟା ପ୍ରାୟ ୬ ଟା ସମୟ ରେ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା- କରଞ୍ଜିଆ ରାସ୍ତା ର ଠାକୁରମୁଣ୍ଡା ନିକଟ ଜୁଆଳି କଟା ନିକଟରେ କାର ଭାରସାମ୍ୟ ହରାଇ ରାସ୍ତା ତଳକୁ ଯାଇ ଓଲଟି ପଡିଥିଲା।ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଠାକୁରମୁଣ୍ଡା ଥାନା ପୋଲିସ ୨ ଜଣକୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ।ଏହି ଦୁର୍ଘଟଣା ରେ ଅପେରା ପାର୍ଟି ର ଆସିଷ୍ଟା□ ମ୍ୟାନେଜର ଗୋପୀନାଥ ସାହୁ ଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡ ରେ ଗଭୀର ଆଘାତ ଲାଗିଛି।ତାଙ୍କ ଘର ପଟାମୁଣ୍ଡାଇ ଥାନା ବାଲିଆ ଗ୍ରାମରେ ବଲି ଜଣାପଡ଼ିଛି ।ସେହପାରି ଅନ୍ୟଜଣେ କର୍ମଚାରୀ ପ୍ରଦୀପ ନାଏକ ଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବାର ଜଣାପଡ଼ିଛି।ତାଙ୍କ ଘର ପାଟକୁରା ଥାନା ପେଣ୍ଡ ଘର ବୋଲି ଜଣାପଡ଼ିଛି।

## ପାରାଦୀପ ମହାବିଦ୍ୟାଳୟ ରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ପାରାଦୀପ(ମହାଭାରତ) ପାରାଦୀପ ମହାବିଦ୍ୟାଳୟ ରେ ଜାନୁଆରୀ ୬ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଜାନୁଆରୀ ୧୫ ତାରିଖ ବୁଧବାର ଦିନ ଉଦଯାପିତ ହୋଇଯାଇଛି । ଦୀର୍ଘ ଆଠଦିନ ଧରି ଚାଲିଥିବା ଏହି ଶିବିରର ଉଦଯାପନୀ ଅବସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷା ଡ଼ଃ. ସସ୍ମିତା ସତପଥି ସଭାପତିତ୍ୱ କରି ଛାତ୍ରୀମାନେ ସମାଜରେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ପାରାଦୀପ ମହାବିଦ୍ୟାଳୟ ର ପରିଚାଳନା କମିଟି ସଦସ୍ୟା ପ୍ରୀତି ଆରତୀ ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ର ଗୁରୁତ୍ୱ ଉପରେ ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଶିବିରର ସଂଯୋଜିକା ଅଧ୍ୟାପିକା ଡ଼ଃ. ନଳିନୀପ୍ରଭା ମହାପାତ୍ର ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ର ବିବରଣୀ ଉପସ୍ଥାପନା କରିଥିଲେ । ମାଷ୍ଟର ଟ୍ରେନର କୁମାରୀ ବିଷ୍ଣୁପ୍ରିୟା ଓ ସ୍ମୃତିରେଖା ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ସୁଚିତ୍ରା ପ୍ରଧାନ, ସଂଘମିତ୍ରା ପ୍ରଧାନ ଓ ଅନ୍ୟମାନେ ସହଯୋଗ କରିଥିବା ବେଳେ ସହ ସଂଯୋଜିକା ଅଧ୍ୟାପିକା ପାର୍ବତିଦେବୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷିଣ ଘୁମୁସର ଆସିକା ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ପକ୍ଷୀ ଗଣନା ଆରମ୍ଭ

ଆସିକା (ମହାଭାରତ): -ଆସିକା ଦକ୍ଷିଣ ଘୁମୁସର ଆସିକା ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ପକ୍ଷୀ ଗଣନା ଆସିକା ବନଖଣ୍ଡ ସହିତ ୩ ଗୋଟି ବନାଞ୍ଚଳ ରେ ଆରମ୍ଭ ହୋଇଯାଇଛି। ମୋଟ ୧୧ଗୋଟି ଟିମ କୁ ନେଇ ଗଠିତ ଏହି ଜଳଜ ପକ୍ଷୀ ଗଣନା ରେ ଆସିକା, ଶେରଗଡ଼, ଧରାକୋଟ, ଷଡ଼ଙ୍ଗୀ ପଲ୍ଲୀ ରେ ଆରମ୍ଭ ହୋଇଯାଇଛି।ଏହି ଗଣନାରେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ଶରତ ଚନ୍ଦ୍ର ବେହେରା, ଅକ୍ଷୟ ତ୍ରିପାଠୀ, ହରେକୃଷ୍ଣ ବାରିକ, ଗାର୍ଡ ରାଜେନ୍ଦ୍ର ରାଉତ, ବିଷ୍ଣୁ ପ୍ରିୟା ପ୍ରଧାନ, ମୋହନ ଋନ୍ଦ ଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଆଜିର ଏହି ଗଣନାରେ ବଗ, ପାଣିକୁଆ, ଗେଣ୍ଡାଳିଆ, ଡାହୁକ, କିଙ୍ଗ ଫିସର, ଲିଟିଲ ଗ୍ରୀବ, ଇଗ୍ରେଟ,ଶଙ୍ଖ ଚିଲ ସମେତ ଆହୁରି ଅନେକ ପ୍ରକାର ପକ୍ଷୀର ଗଣନା କରାଯାଇଛି।

## କନ୍ଧମାଳରେ ସମନ୍ୱିତ କୃଷୀ ମାଧ୍ୟମରେ ଚାଷୀ ଲକ୍ଷପତୀ ହେବାରେ ସମ୍ଭାବନା

କନ୍ଧମାଳ(ମହାଭାରତ):ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ଓ ଆତ୍ମା, କନ୍ଧମାଳ ର ମିଳିତ ଆନୁକୁଲ୍ୟ ରେ ରାଇକିଆ ବ୍ଲକ ରେ ସମନ୍ୱିତ କୃଷୀ ୨୦୨୨ ମସିହା ରୁ କାର୍ଯ୍ୟକାରି ହୋଇଆସୁଛି । ଏହି କାର୍ଯ୍ୟକ୍ରମରେ ଚାଷୀ ମାନଙ୍କୁ ଛେଳି, କୁକୁଡା ଓ ମାଛ ଚାଷ ସହିତ ଦେଶୀ କୁକୁଡା ଉତ୍ପାଦନ କେନ୍ଦ୍ର, ମାଛ ଖାଦ୍ୟ ପ୍ରସ୍ତୁତି, ଜୈବିକ ସାର ଉତ୍ପାନ କେନ୍ଦ୍ର, ବିଭିନ୍ନ ଦେଶୀ ଧାନ, ଡାଲି, ତୈଳ ବୀଜ ଚାଷ ପାଖା ପାଖି ସାତ ହଜାର ଚାଷୀ ଙ୍କୁ ୧୦ ଗୋଟି ପଂଚାୟତରେ ରାଇକିଆ ବ୍ଲକ ରେ ଦିଗ ୩ ବର୍ଷ ହେଲା ଆତ୍ମା, କନ୍ଧମାଳ ସହଯୋଗ ରେ ସହାୟତା ପ୍ରଦାନ କରାଯାଇ ଆସୁଅଛି । ଏହି ପ୍ରକଳ୍ପ ମାଧ୍ୟମରେ ଦେଶୀ ଚାଷ କୁ କିପରି ଜୈବିକ ଓ ସମନ୍ୱିତ ପ୍ରଣାଳି କରି ଚାଷୀ ବର୍ଷ କୁ ଏକ ଲକ୍ଷ ରୁ ଉର୍ଦ୍ଧ ରୋଜଗାର କରିପାରିବାର ସୁଯୋଗ ସୃଷ୍ଟି ହେବ ସେହି ପରିପ୍ରେକ୍ଷ୍ୟ ରେ ସ୍ୱାତୀ କାମ କରିଆସୁଛି । ଉନ୍ନତ ପ୍ରଣାଳୀ ଯଥା ଟ୍ରେଲିସ ( ଆଧୁନିକ ପ୍ରଣାଳି ରଙ୍ଗା) ମାଧ୍ୟମରେ ଲଟା ଯାତୀୟ ପନିପରିବା ସହିତ ମିଶ୍ରିତ ଚାଷ କରି ପାଖା ପାଖି ଟ.୬୦୦୦୦-ଟ.୭୦୦୦୦ ପର୍ଯ୍ୟନ୍ତ ଅର୍ଥ ଗତ ବର୍ଷରେ ରୋଜଗାର କରିପାରିଛନ୍ତି । ଏହି କାର୍ଯ୍ୟକ୍ରମର ପ୍ରଭାବ କୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ରୁ କୃଷି ଅଧିକାରୀ ହିମାନୁ ସେଖର ମିଶ୍ର, ଯୁଗ୍ମ ନିଦ୍ରେଦଶକ, ସାରଦା ପ୍ରସନ କର, ସହକାରୀ ନିଦ୍ରେଦଶକ , ଓସନ ପ୍ରତିନିଧୀ ଗଣେଷ ଦିକ୍ଷିତ ପ୍ରଭୁତ ସୁଗଡବାଡି ଓ ଗୁମାମାହା ପଂଚାୟତ ରେ କ୍ଷେତ୍ର ପରିଭ୍ରମଣ କରି ହିତାଧିକାରୀ ଙ୍କ ସହିତ ଆଲୋଚନା କରିଥିଲେ । ଦିବାରି ଗ୍ରାମର ଜଣେ ସଫଳ ଚାଷୀ ବିନୟ ପ୍ରଧାନ ଦେଶୀ କୁକୁଡା, ଛେଳୀ ଓ ଟ୍ରେଲିସ ପ୍ରଣାଳୀ ରେ ପରିବା ଚାଷ କରି ଏହି ବର୍ଷ ଟ.୭୦୦୦୦ ରୁ ଉର୍ଦ୍ଧ ରୋଜଗାର କରିପାରୁଛନ୍ତି, ସେ ଗତ ୨-୩ ବର୍ଷ ପୂର୍ବରୁ କେରଳ ରାଜ୍ୟ କୁ ଦାଦନ ଖଟିବାକୁ ଯାଇଥିଲା, ଏହି ଯୋଜନା ମାଧ୍ୟମରେ ନିଜ ଘର ପାଖରେ ରହି ରୋଜଗାରଖ୍ୟମ ହୋଇପାରିଛନ୍ତି । ସେହିପରି ଟ୍ରେଲିସ ( ଆଧୁନିକ

# ଦିଲ୍ଲୀ ପାଇଁ ବିଜେପିର ସଙ୍କଳ୍ପପତ୍ର

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ଦିଲ୍ଲୀରେ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ତାରିଖ ପାଖେଇ ଆସୁଛି । ଏଠାରେ ମୁଖ୍ୟ ପ୍ରତିଯୋଗିତା ଆମ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସ ମଧ୍ୟରେ ହେବାକୁ ଯାଉଛି । ଏହି ସମୟରେ ସମସ୍ତ ଦଳ ସେମାନଙ୍କର ପ୍ରସ୍ତୁତିରେ ବ୍ୟସ୍ତ ଏବଂ ଜନସାଧାରଣଙ୍କୁ ଆକର୍ଷିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ବଡ଼ ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି । ଏବେ ଭାରତୀୟ ଜନତା ପାର୍ଟି ମଧ୍ୟ ଆଜି (ଶୁକ୍ରବାର) ତାର ଘୋଷଣାପତ୍ର ପ୍ରକାଶ କରିଛି । ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ତିନି ଭାଗରେ ସଙ୍କଳ୍ପ ପତ୍ର ଜାରି କରିବ । ଏହି କ୍ରମରେ ପ୍ରଥମ ଭାଗ ଆଜି (ଶୁକ୍ରବାର) ଜାରି କରିଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀର ଗରିବ ମହିଳାଙ୍କୁ ପ୍ରତି ମାସରେ ୨୫ ଶହ ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆଜି (ଶୁକ୍ରବାର) ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର ସଙ୍କଳ୍ପପତ୍ର ଜାରି କରିଛନ୍ତି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦିଲ୍ଲୀ ବିଜେପି ରାଜ୍ୟ କାର୍ଯ୍ୟାଳୟରେ କହିଛନ୍ତି, ଘୋଷଣାପତ୍ର ପୂର୍ବରୁ ମଧ୍ୟ ଆସୁଥିଲା, କିନ୍ତୁ ଆପଣମାନେ ଭୁଲି ଯାଉଥିଲେ ଏବଂ ରାଜନୈତିକ ଦଳ ଗୁଡ଼ିକ ମଧ୍ୟ ସେମାନଙ୍କର କଥା ଭୁଲିଯାଉଥିଲେ । କିନ୍ତୁ ଏହା ରାଜନୈତିକ ସଂସ୍କୃତିରେ ପରିବର୍ତ୍ତନ ଯେ ଆଜି ଘୋଷଣାପତ୍ର ପ୍ରକାଶ କରାଯାଉଛି । ଏହାକୁ 'ସଂକଳ୍ପ ପତ୍ର'ରେ ପରିଣତ କରାଯାଇଛି । ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସଂକଳ୍ପରୁ ସିଦ୍ଧିକୁ ଯିବାର ମନ୍ତ୍ର ଦେଇଛନ୍ତି । ବିଜେପିର ଟ୍ରାକ୍ ରେକର୍ଡ ହେଉଛି ଯେ ଏହା ଯାହା କହିଥିଲା ତାହା କରିଛି ଏବଂ ଯାହା କହିନଥିଲା ତାହା ମଧ୍ୟ କରିଛି । ତେଣୁ, ଭାରତ ଏବଂ ଦିଲ୍ଲୀର ଲୋକଙ୍କ ମନରେ ଗୋଟିଏ ବାକ୍ୟ ଘର କରି ବସିଛି ଯେ 'ମୋଦିଙ୍କ ଗ୍ୟାରେଣ୍ଟି ଅର୍ଥ ହେଉଛି ଗ୍ୟାରେଣ୍ଟି ପୂରଣ ହେବ' । ଆମେ ଗରିବଙ୍କ କଲ୍ୟାଣ, ସୁଶାସନ, ମହିଳା ସମ୍ମାନ, ବିକାଶ ପାଇଁ ଗ୍ୟାରେଣ୍ଟି ଦେଇଛୁ । ନଡ୍ଡା ଶୁକ୍ରବାର ଘୋଷଣା କରିଛନ୍ତି ଯେ, ଯଦି ଦିଲ୍ଲୀରେ ବିଜେପି ସରକାର ଗଠନ ହୁଏ, ତେବେ ରାଜ୍ୟର ଗରିବ ମହିଳାଙ୍କୁ ପ୍ରତିମାସରେ ୨୫ ଶହ ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ସିଲିଣ୍ଡର ଉପରେ ୫ଶହ ଟଙ୍କାର ସବସିଡି ଦିଆଯିବ ଏବଂ ହୋଲି ଏବଂ ଦୀପାବଳିରେ ଗୋଟିଏ ସିଲିଣ୍ଡର ମାଗଣା ଦିଆଯିବ । ଏହା ସହିତ, ଜେପି ନଡ୍ଡା ଏହା ମଧ୍ୟ କହିଛନ୍ତି ଯେ ବିଜେପି ସରକାର ଗଠନ ହେଲେ ମଧ୍ୟ ଦିଲ୍ଲୀରେ ଚାଲୁଥିବା ସମସ୍ତ ଜନକଲ୍ୟାଣକାରୀ ଯୋଜନା ଜାରି ରହିବ । ସେହି ସମସ୍ତ ଯୋଜନା ଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଉପାୟରେ ସୁଦୃଢ଼ କରାଯିବ ଏବଂ ସେଗୁଡ଼ିକୁ ଦୁର୍ନୀତି ମୁକ୍ତ ମଧ୍ୟ କରାଯିବ । ଜେପି ନଡ୍ଡା କହିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ଘୋଷଣାପତ୍ର ଦିଲ୍ଲୀର ଭୋଟରଙ୍କ ପରାମର୍ଶ ଉପରେ ପ୍ରସ୍ତୁତ କରାଯାଇଛି । ଆମେ ପ୍ରାୟ ୧ ଲକ୍ଷ ୮୦ ହଜାର ମତାମତ ପାଇଛୁ । ୧୨ ହଜାର ଛୋଟ ବଡ଼ ବୈଠକ ମାଧ୍ୟମରେ ଆଲୋଚନା କରାଯାଇଥିଲା ଏବଂ ୪୧ଟି LED ଭ୍ୟାନ୍ ମାଧ୍ୟମରେ ମତାମତ ସଂଗ୍ରହ କରାଯାଇଥିଲା । ନଡ୍ଡା କହିଛନ୍ତି ଯେ ଆଜି ମୁଁ ଆପଣଙ୍କ ସମ୍ମୁଖରେ ମୋର ସଂକଳ୍ପ ପତ୍ରର ପ୍ରଥମ ଅଂଶ ପ୍ରକାଶ କରୁଛି । ଦ୍ୱିତୀୟ ଏବଂ ତୃତୀୟ ଭାଗ ମଧ୍ୟ ଶୀଘ୍ର ଆପଣଙ୍କ ପାଇଁ ଆସିବ୍ୟ ନିର୍ବାଚନ କମିଶନଙ୍କ ଅନୁଯାୟୀ, ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଫେବୃଆରୀ ୫, ୨୦୨୫ରେ ଅନୁଷ୍ଠିତ ହେବ । ସେହି ସମୟରେ, ନିର୍ବାଚନ ଫଳାଫଳ ୮ ଫେବୃଆରୀ ୨୦୨୫ରେ ଘୋଷଣା କରାଯିବ ।

# ରୁଷ ସେନାରେ ଥିବା ୧୨ ଭାରତୀୟ ମୃତ, ୧୬ ନିଖୋଜ

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ରୁଷ ସେନାରେ ସାମିଲ ହୋଇ ରୁଷ ପାଇଁ ଲଢୁଥିବା ପ୍ରାୟ ୧୨ ଜଣ ଭାରତୀୟ ମୃତ୍ୟୁବରଣ କରିଥିବା ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସ୍ପଷ୍ଟ କରିଛି । ଏବେ ବି ରୁଷ ସେନାରେ ୧୮ ଭାରତୀୟ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୬ ଜଣ ନିଖୋଜ ଅଛନ୍ତି ବୋଲି ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି । ସେ କହିଛନ୍ତି, ରଷସେନାରେ ୧୮ ଜଣ ଭାରତୀୟ ନାଗରିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇନାହିଁ । ରୁଷିଆ ପକ୍ଷରୁ ସେମାନଙ୍କୁ ନିଖୋଜ ବୋଲି ଶ୍ରେଣୀଭୁକ୍ତ କରାଯାଇଛି । ଯେଉଁମାନେ ବାକି ଅଛନ୍ତି ସେମାନଙ୍କୁ ଶୀଘ୍ର ମୁକ୍ତ କରିବା ଏବଂ ପ୍ରତ୍ୟାବର୍ତ୍ତନ କରିବାକୁ ଆମେ ଦାବି କରୁଛୁ । ଏଥିରେ ରୁଷସେନାରେ କାର୍ଯ୍ୟରତ ୧୨ ଜଣ ଭାରତୀୟ ନାଗରିକ ନିହତ ହୋଇଛନ୍ତି। କିଛିଦିନ ତଳେ ରୁଷ୍-ୟୁକ୍ରେନ ଯୁଦ୍ଧରେ କେରଳର ତ୍ରିଶୂରର ନାଗରିକ ବିନିଲ ବାବୁଙ୍କ ମୃତ୍ୟୁକୁ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ ତାଙ୍କ ମୃତ୍ୟୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ମନ୍ତ୍ରଣାଳୟ ତାଙ୍କ ପରିବାର କୁ ସମବେଦନା ଜଣାଇବା ସହ ଭାରତୀୟ ଦୂତାବାସ ଋଷ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଯାହାଦ୍ୱାରା ମୃତ ଭାରତୀୟଙ୍କ ମରଶରୀରକୁ ଯଥାଶୀଘ୍ର ଭାରତ ଅଣାଯିବ ବୋଲି ପ୍ରତିଶ୍ରୁତ ଦେଇଛ । ରୁଷ୍-ୟୁକ୍ରେନ ଯୁଦ୍ଧରେ ୧୨ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ନିଖୋଜ ଅଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ।

# ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଚତୁର୍ଥ ପ୍ରାର୍ଥୀ ତାଲିକା ପ୍ରକାଶ କଲା ବିଜେପି

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ୨୦୨୫ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ଏହାର ପ୍ରାର୍ଥୀଙ୍କ ଚତୁର୍ଥ ତାଲିକା ପ୍ରକାଶ କରିଛି । ଏହି ତାଲିକାରେ, ମୋଟ ନଅଟି ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ଦିଲ୍ଲୀରେ ମୋଟ ୭୦ ଟି ବିଧାନସଭା ଆସନ ରହିଥିବା ବେଳେ ବିଜେପି ଏପର୍ଯ୍ୟନ୍ତ ୬୮ଟି ଆସନ ପାଇଁ ପ୍ରାର୍ଥୀ ବୃତ୍ତାନ୍ତ କରିସାରିଛି । ତେବେ ଏହା ମଧ୍ୟ ବିଶ୍ୱାସ କରାଯାଉଛି ଯେ, ବାକି ଦୁଇଟି ବିଧାନସଭା ଆସନ ଏନଡିଏ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ପାଇଁ ଉଦ୍ଦିଷ୍ଟ ରହିଛି । ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପି ପ୍ରଥମ ତାଲିକାରେ ୨୯ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲା । ଦ୍ୱିତୀୟ ତାଲିକାରେ ୨୯ ଟି ଆସନ ପାଇଁ ପ୍ରାର୍ଥୀ ମଧ୍ୟ ନିର୍ଣ୍ଣୟ କରାଯାଇଥିଲା । ତୃତୀୟ ତାଲିକାରେ କେବଳ ଗୋଟିଏ ନାମ ଥିଲା ଯାହାକି, ମୋହନ ସିଂହ ବିଷ୍ଟଙ୍କୁ ମୁସ୍ତାଫାବାଦରୁ ଟିକେଟ୍ ଦିଆଯାଇଥିଲା । ଏବେ ଚତୁର୍ଥ ତାଲିକାରେ ନଅଟି ଆସନ ପାଇଁ ପ୍ରାର୍ଥୀ ଦିଆଯାଇଛି । ସୂଚନାଥାଉକି, ଫେବୃଆରୀ ୫ ତାରିଖରେ ଦିଲ୍ଲୀରେ ମତଦାନ ହେବାକୁ ଯାଉଛି ଏବଂ ଫେବୃଆରୀ ୮ ତାରିଖରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ । ପ୍ରାର୍ଥୀଙ୍କ ନାମାଙ୍କନ ପ୍ରକ୍ରିୟା ଚାଲିଛି ଏବଂ ଅନେକ ପ୍ରାର୍ଥୀ ସେମାନଙ୍କର ନାମାଙ୍କନ ଦାଖଲ କରିସାରିଛନ୍ତି । ଜାନୁଆରୀ ୧୭ ତାରିଖ ନାମାଙ୍କନ ଦାଖଲର ଶେଷ ଦିନୟ ଏପରି ପରିସ୍ଥିତିରେ, ବିଜେପିକୁ ଏହାର ସହଯୋଗୀ ଦଳଗୁଡ଼ିକ ସହିତ କିଛି ଘଣ୍ଟା ମଧ୍ୟରେ ବାକି ଦୁଇଟି ଆସନ ପାଇଁ ପ୍ରାର୍ଥୀ ସ୍ଥିର କରିବାକୁ ପଡିବ । ବିଜେପି ଜାନୁଆରୀ ୪ ତାରିଖରେ ୨୯ ଜଣ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଥିଲା,ଯେଉଁଥିରେ ଆମ ଆଦମୀ ପାର୍ଟି (ଆପ) ଏବଂ କଂଗ୍ରେସରୁ ସଦ୍ୟତମ ଭାବରେ ଦଳରେ ଯୋଗ ଦେଇଥିବା ଅତି କମରେ ଛଅ ଜଣ ଲୋକଙ୍କୁ ଟିକେଟ ଦିଆଯାଇଥିଲା । ପୂର୍ବତନ ସାଂସଦ ପରବେଶ ବର୍ମାଙ୍କୁ ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜରିୱାଲଙ୍କ ବିପକ୍ଷରେ ଟିକେଟ୍ ମିଳିଛି, ଯେତେବେଳେ କି, ଦଳର ପୂର୍ବତନ ସାଂସଦ ରମେଶ ବିଧୁରୀଙ୍କୁ କାଲକାଜିରୁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ବିପକ୍ଷରେ ପ୍ରାର୍ଥୀ କରାଯାଇଛି ।

# ଅଡୁଆରେ ବିଜେପି ପ୍ରାର୍ଥୀ ପରବେଶ ବର୍ମା

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ନୂଆଦିଲ୍ଲୀ ବିଧାନସଭା ଆସନର ବିଜେପି ପ୍ରାର୍ଥୀ ପରବେଶ ବର୍ମାଙ୍କ ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ । ବିଧାନସଭା ନିର୍ବାଚନମଣ୍ଡଳିରେ ଭୋଟରଙ୍କୁ ଜୋତା ବାଣ୍ଟିବାର ଏକ ଭିଡିଓ ପ୍ରସାରିତ ହେବା ପରେ ରୁଜୁ ହୋଇଛି ମାମଲା । ହାଇପ୍ରୋଫାଇଲ ନୂଆଦିଲ୍ଲୀ ଆସନରେ ପରବେଶଙ୍କୁ ଟକ୍କର ଦେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଓ କଂଗ୍ରେସର ସନ୍ଦୀପ ଦୀକ୍ଷିତ । ମହିଳାଙ୍କୁ ଜୋତା ବାଣ୍ଟିବାର ଭିଡିଓ ସମ୍ପର୍କରେ ଜାଣିବା ପରେ ମାମଲା ରୁଜୁ ଲାଗି ଷ୍ଟେସନ ହାଉସ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରିଟର୍ଣ୍ଣିଂ ଅଫିସର । ଜନପ୍ରତିନିଧି ଆଇନର ଧାରା ୧୨୩ ଅନୁସାରେ ନିର୍ବାଚନ ସମୟରେ ଭୋଟରଙ୍କୁ ପ୍ରାର୍ଥୀ କିମ୍ବା ଏଜେଣ୍ଟ କୌଣସି ମାଗଣା ଉପହାର ଦେବା ବା ପ୍ରତିଶ୍ରୁତି ଦେବାକୁ ଦୁର୍ନୀତି ବିବେଚନା କରାଯାଏ । ସପ୍ତାହକ ମଧ୍ୟରେ ପରବେଶଙ୍କ ବିରୋଧରେ ଏହା ହେଉଛି ଦ୍ୱିତୀୟ ମାମଲା । ମହିଳା ଭୋଟରଙ୍କୁ ୧୧ ଶହ ଲେଖାଏ ଟଙ୍କା ବାଣ୍ଟିବା ଏବଂ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ହର୍ ଘର୍ ନୌକରି ଯୋଜନାକୁ ପ୍ରମୋଟ କରୁଥିବା ଦର୍ଶାଇ ପରବେଶଙ୍କ ବିରୋଧରେ ଗତ ୮ ତାରିଖରେ ଅଭିଯୋଗ କରିଥିଲା ଆପ୍ । ତେବେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ ନିର୍ବାଚନ ଅଧିକାରୀ । ଏହି ମାମଲାରେ ପରବେଶଙ୍କୁ କ୍ଲିନ ଚିଟ୍ ମିଳିବା ପରେ କ୍ଷୁବ୍ଧ ହୋଇଥିଲେ କେଜରିୱାଲ ।

# ୩ଟି ଭାରତୀୟ କମ୍ପାନୀ ଉପରୁ ବ୍ୟାନ୍ ହଟାଇଲା ଆମେରିକା

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** : ଆମେରିକା ସରକାର ଇଇଜଉ ସମେତ ୩ ଭାରତୀୟ ପ୍ରତିଷ୍ଠାନ ଉପରୁ ଲାଗୁ ହୋଇଥିବା ପ୍ରତିବନ୍ଧକୁ ହଟାଇଛି । ଶୀତଳ ଯୁଦ୍ଧ ସମୟରେ ଇଣ୍ଡିଆନ୍ ରେୟାର ଆର୍ଥସ୍, ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟମିକ୍ ରିସର୍ଚ୍ଚ ଏବଂ ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର ଏହି ତିନୋଟି ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ଗ୍ରହଣ କରିବାର ମାତ୍ର, କିଛି ଦିନ ପୂର୍ବରୁ ବିଡେନ ଆଡମିନିଷ୍ଟ୍ରେସନ୍ ଏଭଳି ନିଷ୍ପତ୍ତି ନେଇଛି । ବାଣିଜ୍ୟ ବିଭାଗର ଶିଳ୍ପ ଏବଂ ସୁରକ୍ଷା ବ୍ୟୁରୋ (ବିଆଇଏସ)ର କହିବାନୁସାରେ, ଆମେରିକୀୟ ପ୍ରଶାସନର ଏହି ପଦକ୍ଷେପ ମିଳିତ ଗବେଷଣା ଏବଂ ବିକାଶ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ସମେତ ଉନ୍ନତ ଶକ୍ତି ସହଯୋଗରେ ପ୍ରତିବନ୍ଧକଗୁଡ଼ିକୁ ହ୍ରାସ କରି ଆମେରିକୀୟ ବୈଦେଶିକ ନୀତି ଉଦ୍ଦେଶ୍ୟକୁ ସମର୍ଥନ କରିବ । ଯାହା ସହଭାଗୀ ଶକ୍ତି ସୁରକ୍ଷା ଆବଶ୍ୟକତା ପାଇଁ ସହାୟକ ହେବ । BARC ଆମେରିକାର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ସ୍ୱାର୍ଥ ବିପରୀତ କାର୍ଯ୍ୟକଳାପ ପାଇଁ ପିପଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଅଧୀନରେ ୧୧ଟି ସଂସ୍ଥାକୁ ଏଣ୍ଟିଟି ତାଲିକାରେ ଯୋଡ଼ିଛି । ଆମେରିକା ଏବଂ ଭାରତ ଶାନ୍ତିପୂର୍ଣ୍ଣ ପରମାଣୁ ସହଯୋଗ ଏବଂ ସମ୍ବନ୍ଧିତ ଗବେଷଣା ଏବଂ ବିକାଶ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ ଏବଂ ଗତ କିଛି ବର୍ଷ ଧରି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ମଜବୁତ କରିଛନ୍ତି । ଏହା ଦୁଇ ଦେଶ ଏବଂ ବିଶ୍ୱର ସେମାନଙ୍କର ଅଂଶୀଦାରମାନଙ୍କୁ ପରମାଣୁ ବିଜ୍ଞାନର ଭବିଷ୍ୟତ ସହିତ ଯୋଡ଼ିଛି ଓ ଲାଭ ଦେଇଛି ବୋଲି ବିଆଇଏସ କହିଛି । ଅନ୍ୟପଟେ ରପ୍ତାନି ପ୍ରଶାସନ ପାଇଁ ବାଣିଜ୍ୟ ବିଭାଗର ପ୍ରମୁଖ ଉପ ସହାୟକ ସଚିବ ମାଥ୍ୟୁ ବୋରମ୍ୟାନ କହିଛନ୍ତି ଯେ, ତିନୋଟି ଭାରତୀୟ ସଂସ୍ଥା ଉପରୁ ପ୍ରତିବନ୍ଧକ ଉଠାଇବା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ଘନିଷ୍ଠ ହେବ ।ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ସ୍ୱଚ୍ଛ ଶକ୍ତି ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରିବା ପାଇଁ ନିବିଡ଼ ସହଯୋଗ ହୋଇପାରିବ । ଏହା ଆମେରିକା-ଭାରତ ସହଭାଗୀର ସାମଗ୍ରିକ ମହତ୍ୱାକାଂକ୍ଷା ଏବଂ ରଣନୈତିକ ଦିଗ ସହିତ ସମନ୍ୱିତ ଏବଂ ସମର୍ଥନ କରେ ।



# ସୈଫ୍ ଅଲ୍ଲୀ ଖାନଙ୍କୁ ଛୁରାମାଡ ଘଟଣାରେ ତେଜିଲା ରାଜନୀତି

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** କେବଳ ଗୋଟିଏ ଦୁର୍ଘଟଣା ପାଇଁ ମୁମ୍ବାଇକୁ ଅସୁରକ୍ଷିତ କହିବା ଠିକ୍ ନୁହେଁ ବୋଲି କହିଛନ୍ତି ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ । ବାନ୍ଦ୍ରାରେ ବଲିଉଡ ଷ୍ଟାର ସୈଫ୍ ଅଲ୍ଲୀ ଖାନଙ୍କୁ ଛୁରାମାଡ ଘଟଣା ପରେ ଗୁରୁବାର କିଛି ଏମିତି ଘୋଷଣା କରିଛନ୍ତି ଫଡନାଭିସ । ଏହି ଘଟଣାର ଉଦାହରଣ ଦେଇ ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ମହାରାଷ୍ଟ୍ର ସରକାରଙ୍କୁ ଟାର୍ଗେଟ କରିବାର କିଛି ସମୟ ପରେ ଦେବେନ୍ଦ୍ର ଫଡନାଭିସ ଏପରି ଘୋଷଣା କରିଛନ୍ତି । ସୂଚନା ମୁତାବକ, ବଲିଉଡ଼ ଷ୍ଟାର ସୈଫ ଅଲି ଖାନଙ୍କୁ ବିଳମ୍ବିତ ରାତି ପ୍ରାୟ ସାଢେ ୨ଟାରେ ଜଣେ ଆକ୍ରମଣକାରୀ ତାଙ୍କ ଉପରେ ୬ ଥର ଛୁରାମାଡ଼ କରିଥିଲା । ଏହି ଘଟଣାରେ ସୈଫ୍ ଙ୍କୁ ଗୁରୁତର ଆଘାତ ଲାଗିଥିଲା । ତେବେ ଆକ୍ରମଣ ପରେ ସୈଫଙ୍କୁ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସୈଫଙ୍କ ଅସ୍ତ୍ରୋପଚାର ସରିଥିବା ବେଳେ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି ।ଏହି ଘଟଣାରେ ଆପ୍, ଏନସିପି(ଏସପି) ଓ ଶିବସେନା(ୟୁବିଟି) ଭଳି ବିରୋଧି ଦଳ ନବନିର୍ବାଚିତ ମହାରାଷ୍ଟ୍ର ସରକାରଙ୍କୁ ଘେରିବା ଆରମ୍ଭ କରିଦେଇଛନ୍ତି । ପୂର୍ବରୁ ମୁମ୍ବାଇରେ ସଲମାନଙ୍କ ଉପରେ ଆକ୍ରମଣ ହୋଇସାରିଛି

ଏହା ସହ କିଛି ମାସ ତଳେ ବାବା ସିଦ୍ଧିକିଙ୍କୁ ମଧ୍ୟ ମୁମ୍ବାଇରେ ହତ୍ୟା କରାଯାଇଛି । ଯେଉଁଠି ମହାରାଷ୍ଟ୍ର ସରକାର ବଡବଡ ତାରକାଙ୍କୁ ସୁରକ୍ଷା ଯୋଗାଇପାରୁନି ସେଠାରେ ସାଧାରଣ ଲୋକ କିପରି ରହୁଥିବେ ? ଡବଲ ଇଞ୍ଜିନ ସରକାର ଲୋକମାନଙ୍କୁ ନା ଭଲ ଶାସନ ଯୋଗେଇ ପାରିବ ନା ସୁରକ୍ଷା ଦେଇ ପାରିବ ବୋଲି କେଜ୍ରିୱାଲ ଗୁରୁବାର ଘୋଷଣା କରିଥିଲେ । କେଜ୍ରିୱାଲ ଏହି ବିବୃତି ଦେବାପରେ ଫଡନାଭିସ ସଙ୍ଗେସଙ୍ଗ ଏହାର ଉତ୍ତର ଫେରାଇଥିଲେ । ଏହିଭଳି ଦୁର୍ଘଟଣା ପ୍ରତିଟି ସ୍ଥାନରେ ହୋଇଥାଏ । ଏଭଳି ଘଟଣାକୁ ଗୁରୁତର ସହ ଗ୍ରହଣ କରିବା ଉଚିତ । କିନ୍ତୁ ମାତ୍ର ଗୋଟିଏ ଦୁର୍ଘଟଣା ପାଇଁ ମୁମ୍ବାଇକୁ ଅସୁରକ୍ଷିତ କହିବା ଠିକ୍ ନୁହେଁ । ଅନ୍ୟ ସମସ୍ତ ବଡ଼ ସହରମାନଙ୍କ ଅପେକ୍ଷା ମୁମ୍ବାଇ ଏକ ସୁରକ୍ଷିତ ସହର ବୋଲି ଫଡନାଭିସ ଘୋଷଣା କରିଛନ୍ତି ।

# ଦୁଇରୁ ଅଧିକ ସନ୍ତାନ ଜନ୍ମ କରିବାକୁ ଚନ୍ଦ୍ରବାବୁ ଆଣିବେ ନୂଆ ନିୟମ

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ଆନ୍ଧ୍ରପ୍ରଦେଶରେ ଏବେ ଏକ ଭିନ୍ନ ନିୟମ ଲାଗୁ ହେବାକୁ ଯାଉଛି । ଏପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ କମ୍ ସନ୍ତାନ ଜନ୍ମ କରିବାର ନୀତି ଗୁଡିକ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିଲା । ହେଲେ ଆନ୍ଧ୍ରପ୍ରଦେଶରେ ଏବେ ଅଧିକ ସନ୍ତାନ ଜନ୍ମ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ନିଜେ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କର ଦୁଇରୁ ଅଧିକ ସନ୍ତାନ ଥିଲେ ହିଁ ସେ ସରପଞ୍ଚ, ପୌର ପରିଷଦ କିମ୍ବା ମେୟର ହୋଇପାରିବେ । ସେ ସୂଚାଇ ଦେଇଛନ୍ତି ଯେ ଏହା ଜନସଂଖ୍ୟା ହ୍ରାସକୁ ରୋକି ପାରିବ । ନାଇଡୁ କହିଛନ୍ତି ଯେ, ସେ ଲୋକ ମାନଙ୍କୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ ଉତ୍ସାହିତ କରିବା ପାଇଁ ଏହି ନୀତି ଆଣିବେ । ତେବେ ଏକ ସମୟ ଥିଲା ଯେତେବେଳେ ଅଧିକ ସନ୍ତାନ ଥିବା ବ୍ୟକ୍ତିମାନଙ୍କୁ ପଞ୍ଚାୟତ (ନିର୍ବାଚନ) କିମ୍ବା ସ୍ଥାନୀୟ ସଂସ୍ଥା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ନଥିଲା, ସେ ନିକଟରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଥିଲେ । ଏବେ ମୁଁକହୁଛି ଯେ କମ୍ ସନ୍ତାନ ଥିବା ଲୋକମାନେ ନିର୍ବାଚନ ଲଢ଼ିପା

# ଚମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ଚମ୍ପିୟନ୍ସ ଟ୍ରଫି ପାଇଁ ଆଜି ଘୋଷଣା ହୋଇଛି ଭାରତୀୟ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଖେଳିବ ଦଳ। ଶୁବମନ ଗିଲଙ୍କୁ ଉପ-ଅଧିନାୟକ କରାଯାଇଥିବା ବେଳେ ଯଶପ୍ରୀତ ବୁମ୍ରା ଓ ମହମ୍ମଦ ଶାମି ସ୍କ୍ୱାଡରେ ସ୍ଥାନ ପାଇଛନ୍ତି।

୨୦୨୩ ଦିନିକିଆ ବିଶ୍ୱକପ୍ ଖେଳିଥିବା ଅଧିକାଂଶ ଖେଳାଳିଙ୍କୁ ଚମ୍ପିୟନ୍ସ ଟ୍ରଫି ପାଇଁ ଦଳରେ ସାମିଲ କରାଯାଇଛି। ସେମାନଙ୍କ ସହିତ ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର ଓ ଯଶସ୍ୱୀ ଜୈସୱାଲ ମଧ୍ୟ ଟିମ୍‌ରେ ଅଛନ୍ତି। ଉଭୟ ଋଷଭ ପନ୍ତ ଓ କେ.ଏଲ ରାହୁଲ ୧୫ ଜଣିଆ ସ୍କ୍ୱାଡରେ ସ୍ଥାନ ପାଇଛନ୍ତି। ସେମାନଙ୍କୁ ୱିକେଟ୍ କିପର ଭାବେ ସାମିଲ କରାଯାଇଛି। କୁଲଦୀପ ଯାଦବ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ବି ଟିମରେ ନିଆଯାଇଛି। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ କୁଲଦୀପ ଆହତ ହୋଇଥିଲେ। ଏବେ ସେ ସୁସ୍ଥ ଅଛନ୍ତି ଓ ଚମ୍ପିୟନ୍ସ ଟ୍ରଫି ପାଇଁ ସୁଯୋଗ ପାଇଛନ୍ତି। କିନ୍ତୁ ମହମ୍ମଦ ସିରାଜ, ସଞ୍ଜୁ ସାମସନ୍, ନୀତୀଶ କୁମାର ରେଡ୍ଡୀ ଓ କରୁଣ ନାୟର ଟିମରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି।

ଚମ୍ପିୟନ୍ସ ଟ୍ରଫି ପାଇଁ ବିସିସିଆଇ ଘୋଷଣା କରିଥିବା ୧୫ ଜଣିଆ ଦଳରେ ଅଧିନାୟକ ରୋହିତ ଶର୍ମାଙ୍କ ସହିତ ଶୁବମନ ଗିଲ (ଉପ-ଅଧିନାୟକ), ବିରାଟ କୋହଲି,

ଶ୍ରେୟସ ଆୟର, କେ.ଏଲ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍ରା, ମହମ୍ମଦ ଶାମି, ଅର୍ଶଦୀପ ସିଂହ, ଯଶସ୍ୱୀ ଜୈସୱାଲ, ଋଷଭ ପନ୍ତ ଓ ରବୀନ୍ଦ୍ର ଜାଡ଼େଜା ଅଛନ୍ତି।

ଚମ୍ପି।ନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ଘୋଷଣା ପୂର୍ବରୁ ଯଶପ୍ରୀତ ବୁମ୍ରାଙ୍କ ନାଁକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ତାଙ୍କୁ ଦଳରେ ନିଆଯିବ ନା ନାହିଁ, ସେ ନେଇ ଆଶଙ୍କା ଦେଖା ଦେଇଥିଲା। କାରଣ ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ମ୍ୟାଚରେ ସେ ଆହତ ହୋଇଥିଲେ। ତାଙ୍କ ପଠର ମାଂସପେଶୀରେ ସମସ୍ୟା ଦେଖାଯାଇଥିଲା। ତେବେ ତାଙ୍କୁ ସଂପୂର୍ଣ୍ଣ ବେଡ୍-ରେଷ୍ଟ ପାଇଁ ଡାକ୍ତର ପରାମର୍ଶ ଦେଇଥିବା ଖବରକୁ ସେ କିଛି ଦିନ ତଳେ ଖଣ୍ଡନ କରିଥିଲେ।

ଅନ୍ୟପକ୍ଷରେ ଉଭୟ ଟେଷ୍ଟ ଓ ଟି-ଟେଓ୍ୱିରେ ଭଲ ପ୍ରଦର୍ଶନ କରିଥିବାରୁ ଯଶସ୍ୱୀ ଜୈସୱାଲଙ୍କୁ ପ୍ରଥମ ଥର ପାଇଁ ଦିନିକିଆ ସ୍କ୍ୱାଡରେ ସ୍ଥାନ ଦିଆଯାଇଛି। ତାଙ୍କୁ ଚମ୍ପିୟନ୍ସ ଟ୍ରଫି ପାଇଁ ଟିମରେ ସାମିଲ କରାଯାଇଛି। ଗତ ବର୍ଷରେ ସେ ଟେଷ୍ଟରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ସବୁଠୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏଯାବ୍ ୧୮ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ଯଶସ୍ୱୀ ୨ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ସହାୟତାରେ ୧୭୬୬ ରନ୍ କରିଛନ୍ତି। ସେଥିରୁ କେବଳ ୨୦୨୪ରେ ସେ ୧୫ଟି ଟେଷ୍ଟରେ ୧୪୭୮ ରନ୍ କରିଥିଲେ। ସେହିପରି ୨୩ଟି ଟି-ଟେଷ୍ଟରୁ ଯଶସ୍ୱୀ ୭୨୩ ରନ୍ କରିଛନ୍ତି। ଆଶା କରାଯାଉଛି ଚମ୍ପିୟନ୍ସ ଟ୍ରଫିରେ ସେ ରୋହିତ ଶର୍ମା ଅବା ଶୁବମନ ଗିଲଙ୍କ ସହିତ ଓପନିଂ କରିବାକୁ ଆସିବେ।

ଭାରତୀୟ କ୍ରିକେଟ ଫ୍ୟାନ୍‌ଙ୍କ ପାଇଁ ଏକ ବହୁତ ବଡ଼ ଭଲ ଖବର ଏହା ଯେ ଚମ୍ପିୟନ୍ସ ଟ୍ରଫି ପାଇଁ ମହମ୍ମଦ ଶାମିଙ୍କୁ ଟିମ୍‌ରେ ନିଆଯାଇଛି। ୨୦୨୩ ଦିନିକିଆ। ବିଶ୍ୱକପ୍ ପରଠାରୁ ସେ ଆଉ ଟିମ୍ ଇଣ୍ଡିଆ ପାଇଁ ପଡ଼ିଆକୁ ଓହ୍ଲାଇ ନାହାନ୍ତି। ଆହତ ଜନିତ କାରଣରୁ ସେ ଗତ ଏକ ବର୍ଷରୁ ଅଧିକ ସମୟ ହେଲା ଜାତୀୟ ଦଳ ପାଇଁ ଖେଳି ପାରି ନାହାନ୍ତି। ଚମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୫ଟି ମ୍ୟାଚ୍ ବିଶିଷ୍ଟ ଟି-ଟେଷ୍ଟ ସିରିଜ୍ ପାଇଁ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।

ସୂଚନାଯୋଗ୍ୟ, ଅ।ସନ୍ତା ଫେବୁଆରୀ ମାସ ୧୯ ତାରିଖରୁ ଚମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ।

## ଭାରତୀୟ କ୍ରିକେଟର ପାଇଁ ହଟିବ ଷ୍ଟାର କଲଚର

**ମୁମ୍ବାଇ,୧୮।୧(ଏଜେନ୍ସି):** ଭାରତୀୟ କ୍ରିକେଟରେ ବଡ ପରିବର୍ତ୍ତନ, ଶୀଘ୍ର ହଟିବ ଷ୍ଟାର କଲଚର । ୨୭ ବର୍ଷ ପରେ ଭାରତ ଶ୍ରୀଲଙ୍କା ଠାରୁ ଦିନିକିଆ। ସିରିଜରେ ପରାଜୟ ବରଣ କରିଥିଲା ,ଘରୋଇ ମାଟିରେ ନ୍ୟୁଜିଲ୍ୟାଣ୍ଡ ଠାରୁ ଟେଷ୍ଟ ସିରିଜ ମଧ୍ୟ ହାରିଥିଲା ଏବଂ ୧୦ ବର୍ଷ ପରେ ବର୍ଡର-ଗାଭାସ୍କର ସିରିଜରେ ଅଷ୍ଟ୍ରେଲିଆ ଠାରୁ ପରାଜ। ପରେ ବଡ ଆହ୍ୱାନ ନେଇଛି ବିସିସିଆଇ। ଟିମରେ ରହିବନି ଷ୍ଟାର କଲଚର ଅର୍ଥାତ ସମସ୍ତେ ସମାନ ଏବଂ ସମସ୍ତଙ୍କ ପାଇଁ ଗୋଟେ ନିୟମ ରହିବ।

ନିୟମ ଅନୁସାରେ, ବର୍ତ୍ତମାନ ଠାରୁ ଟିମ୍ ଇଣ୍ଡିଆର ଖେଳାଳି ମାନେ ବ୍ୟକ୍ତିଗତ ରୋସେୟା ଠାରୁ ମ୍ୟାନେଜର ଏବଂ ସୁରକ୍ଷା କର୍ମୀଙ୍କୁ ଟୁରରେ ନେଇ ପାରିବେ ନାହିଁ । ବିଦେଶରେ ମ୍ୟାଚ ହେଉ ଅବା ଭାରତରେ, ଟିମ୍ ବସରେ ହିଁ ସମସ୍ତ ଖେଳାଳି ଯିବେ, ଘରୋଇ ଗାଡି ବା ବ୍ୟକ୍ତିଗତ କାର ବ୍ୟବହାର କରିପାରିବେ ନାହିଁ । ରୋଚକ କଥାଟି ହେଉଛି, ଟିମ ଇଣ୍ଡିଆର ଜଣେ ୱିକେଟ କପର ମ୍ୟାଚ ଖେଳିବାକୁ ଗଲେ ନିଜସ୍ୱ ବ୍ୟକ୍ତିଗତ ରୋଷେୟାକୁ ମଧ୍ୟ ନେଇକି ଯାଉଥିଲେ ଏବଂ ଆଉ କିଛି ଖେଳାଳି ସୁରକ୍ଷା କର୍ମୀଙ୍କ ସହ ନିଜ ଅଫିସିଆଲ ଷ୍ଟାଫ୍‌ଙ୍କୁ ମଧ୍ୟ ସାଙ୍ଗରେ ନେଉଥିଲେ ଯାହା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି ।

## ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରାକ୍ଲବ୍ କ୍ରିକେଟ : ଖୋର୍ଦ୍ଧା କ୍ରିକେଟ କ୍ଲବ୍ ବିଜୟୀ

**ଖୋର୍ଦ୍ଧା,୧୮।୧ :** ଓଡ଼ିଶା କ୍ରିକେଟ ଆସୋସିଏସନ୍‌ର କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ ଇଣ୍ଟ୍ରା କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେ ସ୍ଥାନୀୟ ବି ଜେ ବି ହାଇସ୍କୁଲ ପଡିଆ। ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏସନ୍ ଅଫ ଦି ଦିଷ୍ଟ୍ରିକ୍ଟ ଅନୁକୂଲ୍ୟରେ ତୃତୀୟ ଦିବସ ଖେଳରେ ଖୋର୍ଦ୍ଧା କ୍ରିକେଟ କ୍ଲବ୍ କେଟି ଗ୍ଲୋବାଲ କ୍ରିକେଟ କ୍ଲବ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି। ଟସ୍‌ରେ ବିଜୟ ହୋଇ କେଟି ଗ୍ଲୋବାଲ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୬ ଓଭରରେ ସମସ୍ତ ୱିକେଟ୍ ହରାଇ ୯୩ ରନ କରିଥିଲେ। ଦଳ ତରଫରୁ ସ୍ୱର୍ଣ୍ଣାଭ ଦାସ ୩୨ ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା କ୍ଲବ୍ ପକ୍ଷରୁ ଓମ୍ ବେହେରା ୪ ଟି ଓ ପୀୟୁଷ ବଳିଆର ସିଂହ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଖୋର୍ଦ୍ଧା ଦଳ ୨୪.୨ ଓଭରରେ ୫

ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ।ଦଳ ତରଫରୁ ଦେବାନୁ ଜେନା ଅପରାଜିତ ୫୩ ରନ ସଂଗ୍ରହ କରିଥିଲେ। କେ ଟି ଗ୍ଲୋବାଲ କ୍ଲବ୍ ତରଫରୁ ଇଭାନ କଳାପାହାଡ଼ ୩ ଟି ୱିକେଟ୍ ଅକ୍ତିଆର କରିଥିଲେ। ଖେଳକୁ ପ୍ରୀତିରଞ୍ଜନ ବିଜୟସିଂ ଓ ଚନ୍ଦ୍ର ମୋହନ ବରାଳ ପରିଚାଳନା କରିଥିବା ବେଳେ ସ୍କୋରର ରୂପେ ଜତେନ୍ଦ୍ର ସେନାପତି ଦାୟିତ୍ୱରେ ଥିଲେ। ସମୀର ବଳିଆର ସିଂହ (କାଜଲ) ମ୍ୟାଚ୍ ରେଫରୀ ଭାବେ ଓ କିରଣ ଶତପଥି ଏବଂ ସୁଧୀର ସାହୁ ଏହି ମ୍ୟାଚ୍‌ର ସଂଯୋଜକ ରୂପେ କାର୍ଯ୍ୟ କରିଥିଲେ। ୧୯/୦୧/୨୫ ରାଇଜିଙ୍ଗଷ୍ଟାର କ୍ରିକେଟ ଦଳ, କୁମାରବସ୍ତ ବନାମ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।

## ଭାରତୀୟ ଟିମ୍‌ରେ ଚାପେଲ ଯୁଗ ଭଳି ସ୍ଥିତି

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ମୁଖ୍ୟ କୋଚ୍ ଭାବେ ଗୌତମ ଗମ୍ଭୀର ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଭାରତୀୟ ଟିମ୍ ପ୍ରଦର୍ଶନକୁ ନେଇ ସମାଲୋଚିତ ହେଉଛି। ଏଥିନେଇ ଡ୍ରେସିଂ ରୁମ୍‌ର ସ୍ଥିତି ବଦଳିବା ଭଳି ମନେ ହେଉଛି। କେତେବେଳେ ଖେଳାଳି ତ କେବେ ଖେଳାଳି-କୋଚ୍‌ଙ୍କ ମଧ୍ୟରେ ମତଭେଦ ନେଇ ଖବର ଆସୁଛି। ଯଦିଓ ଅଧିନାୟକ ରୋହିତ ଶର୍ମା ସବୁକିଛି ଠିକ୍ ଥିବା କହିଛନ୍ତି, ହେଲେ ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂ ଏହାକୁ ନେଇ ଖପ୍ପା ହୋଇଛନ୍ତି।

ହରଭଜନ କହିଛନ୍ତି, ଗତ ୬-୮ ମାସ ମଧ୍ୟରେ ଦଳ ନେଇ ଯେଉଁ ଖବର ସାମ୍ନାକୁ ଆସୁଛି, ତାହା ଡ୍ରେସିଂ ରୁମ୍ରେ ମତଭେଦର ସଙ୍କେତ। ଅଷ୍ଟ୍ରେଲିଆ ଗସ୍ତ ସମୟରେ ଅନେକ ଜାତୀୟ ଗଣମାଧ୍ୟମରେ ଅନେକ ଦାବି



କରାଯାଇଥିଲା। ଭାରତୀୟ ଦଳରେ ଫାଟ ସହ ଜଣେ ବରିଷ୍ଠ ଖେଳାଳି ନିଜକୁ ଟିମରେ ମିଷ୍ଟର ଫିକ୍ସିଷ୍ଟ ଭାବେ ଦର୍ଶାଉଥିଲେ, ଯିଏକି ରୋହିତଙ୍କ ସ୍ଥାନରେ ଅଧିନା।କ ହୋଇଥାନ୍ତେ। ସିଡନୀ ଟେଷ୍ଟ ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ହେଲେ ମ୍ୟାଚର ଦ୍ୱିତୀୟ ଦିନ ରୋହିତ ନଜେ ନଜ ପ୍ରଦର୍ଶନକୁ ଦେଖି ଦଳରୁ ନିଜକୁ ବାହାରେ ରଖିଥିବା କହିଥିଲେ। ଅଷ୍ଟ୍ରେଲିଆରୁ ଫେରିବା ପରେ ଦଳକୁ ଅନୁଶାସନକୁ ଆଣିବାକୁ ବିସିସିଆଇ ପଦକ୍ଷେପ ନେବ ବୋଲି କୁହାଯାଉଥିଲା। ତାହା ହିଁ ହେଲା। ସେମାନଙ୍କ ଉପରେ ଅନେକ ନିୟମ ଲାଗିଲା। ଏଥିନେଇ ହରଭଜନ କହିଛନ୍ତି, ପରଦା ପଛରେ କୌଣସି ଡ୍ରାମା ଚାଲିଥିଲା। ଗତ ୨ ମାସରେ ଅନେକ ରିପୋର୍ଟ ସାମ୍ନାକୁ କିଭଳି ଆ।ସିଲା। ଝଗଡ଼ା ସବୁ ଘରେ ହୋଇଥାଏ, ହେଲେ ତାହା ଘର ଭିତରେ ରହିବା ଉଚିତ। ଏହାକୁ ନିଜ ନିଜ ମଧ୍ୟରେ ସମାଧାନ କରିନିଅ। ଏତେ ଡ୍ରାମା କାହିଁକି ହେଉଛି। ଯଦି ଅଜିତ ଅଗରକର କୁହନ୍ତି ଯେ ଏସବୁ କଥା ସରଫରାଜ ନୁହନ୍ତି ବରଂ କୋଚ୍ କହିଛନ୍ତି ତେବେ କ'ଣ ହେବ, ଜଣେ ଅନ୍ୟଜଣଙ୍କ ଉପରେ ଦୋଷ ଲଦିବାର କୌଣସି ଅର୍ଥ ନାହିଁ। ହରଭଜନ ଏବେର ଭାରତୀୟ ଡ୍ରେସିଂ ରୁମ୍ର ସ୍ଥିତିକୁ ଗ୍ରେଗ୍ ଚାପେଲଙ୍କ ସମୟର ଡ୍ରେସିଂ ରୁମ୍ ସହ ତୁଳନା କରି କହିଛନ୍ତି, ମୁଁ ଏଭଳି ଆ।ଭ୍ୟନ୍ତରିଣ ଝଗଡ଼ା ଦେଖିଛି। ଗମ୍ଭୀର ନୂଆ। ତାଙ୍କୁ ଖେଳାଳିମାନଙ୍କୁ ଜାଣିବାକୁ ହେବ। ଖେଳାଳି ମଧ୍ୟ ତାଙ୍କୁ ଜାଣିବେ। ସମ୍ପର୍କ ମଜଭୂତ ନ ହେଲେ ପ୍ରଦର୍ଶନ ଅସମ୍ଭବ। ୨୦୦୬-୦୮ରେ ଯେବେ ଚାପେଲ କୋଚ୍ ଥିଲେ, ମୁଁ ଡ୍ରେସିଂ ରୁମର ଶୋଚନୀୟ ସ୍ଥିତି ଦେଖିଛି। ଏହା ପଛରେ ଖେଳାଳି ପରସ୍ପରକୁ ଦୋଷାରୋପ କରୁଥିଲେ। ଗଣମାଧ୍ୟମକୁ ଏତେ ସବୁ କିଭଳି ଜଣାପଡୁଥିଲା ବୋଲି ସେ କହିଛନ୍ତି।

## ୭ ଇନିଂସରେ ୫ଶତକ ସତ୍ତ୍ୱେ କରୁଣଙ୍କୁ ମିଳିଲାନି ସ୍ଥାନ

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ଚମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଟିମ ଇଣ୍ଡିଆର ଦଳ ଘୋଷଣା କରାଯାଇଛି। ଫେବୃଆରୀ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭାରତର ୧୫ ଜଣିଆ ଦଳରେ ଅନେକ ଷ୍ଟାର ଖେଳାଳିଙ୍କୁ ସାମିଲ କରାଯାଇଛି। ତଥାପି, ଦଳ ଚୟନ କରିବା ସମୟରେ ଚା।ନକର୍ତ୍ତାମାନେ କିଛି ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ଘରୋଇ କ୍ରିକେଟ ଟୁର୍ନାମେ ରେ ୭୫୨ ହାରରେ ରନ କରୁଥିବା ଖେଳାଳିଙ୍କୁ ଏହି ଦଳରେ ସୁଯୋଗ ମିଳିନାହିଁ। ଏତେ ଦୃଢ଼ ପ୍ରଦର୍ଶନ ସତ୍ତ୍ୱେ, ଏହି ଖେଳାଳି ଟିମ ଇଣ୍ଡିଆରେ ନିଜର ସ୍ଥାନ ସୃଷ୍ଟି କରିପାରି ନାହାନ୍ତି।

ବିଜୟ ହଜାରେ ଟ୍ରଫିରେ ବିଦର୍ଭ ଅଧିନାୟକ କରୁଣ ନାୟାରଙ୍କ ଦମଦାର ବ୍ୟାଟିଂ କରିଛନ୍ତି। ସେ ପ୍ରାୟ ପ୍ରତ୍ୟେକ ମ୍ୟାଚରେ ବଡ଼ ଇନିଂସ ଖେଳୁଛନ୍ତି। ଏପରି ପରିସ୍ଥିତିରେ, ଆ।ଶା କରାଯାଉଥିଲା ଯେ ତାଙ୍କ ଫର୍ମକୁ ଦେଖି ଚୟନକର୍ତ୍ତାମାନେ ଏକ ବଡ଼ ନିଷ୍ପତ୍ତି ନେଇପାରନ୍ତି। କିନ୍ତୁ ଏପରି ଘଟିଲା ନାହିଁ, କରୁଣ ନାୟାର ଭାରତୀୟଦଳକୁ ଫେରିଲେ ନାହିଁ। ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା ସମ।ରେ, ଯେତେବେଳେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ କରୁଣ ନାୟାରଙ୍କୁ ଚୟନ ନକରିବା ବିଷୟରେ ପଚରାଯାଇଥିଲା, ସେ ଉତ୍ତର ଦେଇଥିଲେ ଯେ ବର୍ତ୍ତମାନ ଦଳରେ ତାଙ୍କ ପାଇଁ କୌଣସି ସ୍ଥାନ ନାହିଁ। ମୁଖ୍ୟ

ଚୟନକର୍ତ୍ତା ଅଜିତ ଅଗରକର କହିଛନ୍ତି, 'କରୁଣ ନାୟାରଙ୍କ ଫର୍ମ ଉପରେ ଆଲୋଚନା ହୋଇଥିଲା ଏବଂ ଏପରି ପ୍ରଦର୍ଶନ ପ୍ରାୟତଃ ହୁଏ ନାହିଁ।' ବର୍ତ୍ତମାନ ତାଙ୍କ ପାଇଁ ଏହି ଦଳରେ ସ୍ଥାନ ପାଇବା ବହୁତ କଷ୍ଟକର ଥିଲା। ହାରାହାରି ୭୫୦+ ସମ୍ପୂର୍ଣ୍ଣ ପାଗଳାମୀ। ଦୁର୍ଭାଗ୍ୟବଶତଃ ଆ।ପଣ ଏହି ଦଳରେ ସମସ୍ତଙ୍କୁ ସାମିଲ କରିପାରିବେ ନାହିଁ। ଏହା ୧୫ ଜଣଙ୍କ ଦଳ। ଏହି ପ୍ରଦର୍ଶନ ନିଶ୍ଚିତ ଭାବରେ ଆପଣଙ୍କୁ ଧ୍ୟାନ ଦେବାକୁ ବାଧ୍ୟ କରେ। ଯଦି କେହି ଫର୍ମ ହରାଇବେ କିମ୍ବା ଆ।ଘାତ ପାଇବେ, ତେବେ କରୁଣ ନାୟାରଙ୍କୁ ଖେଳିବାକୁ ଆସିପାରନ୍ତି।

ବିଜୟ ହଜାରେ ଟ୍ରଫିରେ, କରୁଣ ଏପର୍ଯ୍ୟନ୍ତ ୭ଟି ଇନିଂସରେ ୭୫୨.୦୦୦ ହାରରେ ୭୫୨ରନ କରିଛନ୍ତି। ଏଥିରେ ୫ଟି ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ଏହି ସମୟ ମଧ୍ୟରେ, ସେ ଲଗାତାର ମ୍ୟାଚରେ ୪ଟି ଶତକ ହାସଲ କରିଛନ୍ତି। ସେ ଟୁର୍ନାମେ ରେ ସର୍ବାଧିକ ରନ ସ୍କୋରର ମଧ୍ୟ। ଏସବୁ ସତ୍ତ୍ୱେ, ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ଏପରି ପରିସ୍ଥିତିରେ, ସୋସିଆ।ଲ ମିଡିଆରେ ମଧ୍ୟ, କ୍ରିକେଟ ପ୍ରଶଂସକମାନେ ତାଙ୍କୁ ଚୟନ ନ କରିବା ଦ୍ୱାରା ଆଶ୍ଚର୍ଯ୍ୟ ହୋଇଛନ୍ତି। ଆପଣଙ୍କୁ କହିରଖୁଛୁ ଯେ, କରୁଣ ନାୟାର ଏପର୍ଯ୍ୟନ୍ତ ଟିମ ଇଣ୍ଡିଆ। ପାଇଁ ୬ଟି ଟେଷ୍ଟ ଏବଂ ୨ଟି ମ୍ୟାଚ ଖେଳିଛନ୍ତି। କିନ୍ତୁ ୨୦୧୬ ପରଠାରୁ ସେ ଟିମ ଇଣ୍ଡିଆ। ପାଇଁ କୌଣସି ମ୍ୟାଚ ଖେଳି ନାହାଁନ୍ତି। ଶେଷ ଟେଷ୍ଟ ମ୍ୟାଚ ମଧ୍ୟ ୨୦୧୭ରେ ଖେଳାଯାଇଥିଲା।

## ଜେଏସଡ଼ବ୍ଲୁ ଏମଜି ମୋଟର ଇଣ୍ଡିଆ କୋଟାକ୍ ମହିନ୍ଦ୍ରା ପ୍ରାଇମ ସହିତ ମିଳିତ ସହଯୋଗରେ ଇଭି ପାଇଁ ଯୋଜନା

**ନୂଆଦିଲ୍ଲୀ,୧୮।୧(ଏଜେନ୍ସି):** ଜେଏସଡ଼ବ୍ଲୁ ଏମଜି ମୋଟର ଆଜି କେଏମପିଏଲ ସହିତ ଏହାର ସହଭାଗୀତା ଏବଂ ଆର୍ଥିକ ସମାଧାନ ପ୍ରଦାନର ଏକ ଅଫର ଦେବା ସହିତ ଏହାର ଇଭି ଗ୍ରାହକଙ୍କ ପାଇଁ ଅଭିନବ ବ୍ୟାଟେରୀ-ଆସ୍-ଏ ସର୍ଭିସ (ବାସ୍) ମାଲିକାନା କାର୍ଯ୍ୟକ୍ରମର ଘୋଷଣା କରିଅଛି। ଏହିସ ହଭାଗୀତା ସହିତ କେଏମପିଏଲ ଅଟୋ ଆର୍ଥିକ ପ୍ରଦାନକାରୀତା ମଧ୍ୟରେ ଏକ ଆଗଧାଡ଼ିର ପ୍ରତିଷ୍ଠାନ ହେବା ସହିତ ବାସ୍ ପ୍ରସଙ୍ଗକୁ ସମର୍ଥନ ତଥା ଏହାର ଉପଯୁକ୍ତ ଗ୍ରାହକମାନଙ୍କ ପାଇଁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସମ୍ମୁଖକୁ ଆସିଅଛି।

ବାସ୍ ଏକ ନମନୀୟ ମାଲିକାନା କାର୍ଯ୍ୟକ୍ରମ ଅଟେ ଯାହାକି ଅତି ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରାଥମିକ ଗ୍ରହଣକାରୀତାର ମୂଲ୍ୟ, ଖର୍ଚ୍ଚ କାଟର ସୁନିଶ୍ଚିତତା ତଥା ବାଧାମୁକ୍ତ ମାଲିକାନା ଅଭିଜ୍ଞତା ହ୍ରାସ କରିବା ଦିଗରେ ସହାୟତା ପ୍ରଦାନ କରୁଛି। ସେପ୍ଟେମ୍ବର ୨୦୨୪ରେ ଶୁଭାରମ୍ଭ ହୋଇଥିବା ବାସ୍ ଗ୍ରାହକମାନଙ୍କର ଆଗ୍ରହକୁ ନେଇ ଇଭିର ଯାନ ପାଇଁ ପୁନଃ ନିର୍ମାଣ ଆରମ୍ଭ କରିଛି ଯାହାକି ଇଭି ଯାନ ବିକ୍ରୟ ବୃଦ୍ଧିରେ ପ୍ରତିଫଳିତ ହୋଇଛି। ଗ୍ରାହକମାନଙ୍କ ଆଗ୍ରହ ବୃଦ୍ଧି ଏହି ମାଲିକାନା ମଡ଼େଲର ଏକ ନୂତନ ବ୍ୟବସ୍ଥା ଥିଲାବେଳେ କେଏମପିଏଲର ଅନୁକ୍ରମଣରେ ଏହା ବାସ୍‌ର ବାଣ୍ଡ ୱାଗନ ସହିତ ଏକାଠି ହୋଇ ଆର୍ଥିକ ସହାୟତାର ସମାଧାନ ଦିଗରେ ଇଭି ଗ୍ରାହକମାନଙ୍କୁ ବିଶେଷ ଭାବରେ ସହାୟତା ପ୍ରଦାନ କରିପାରିଛି। ଉତ୍ସବର ଏହି ମୁହୂର୍ତ୍ତରେ ମତ ପ୍ରଦାନ କରି ଗୌରବ ଗୁପ୍ତା, ଚିଫ୍ ଗ୍ରୋଥ ଅଫିସର, ଜେଏସଡ଼ବ୍ଲୁ ଏମଜି ମୋଟର ଇଣ୍ଡିଆ, କହିଛନ୍ତି, "ନବୀକରଣ ଦିଗରେ ଆମର ପ୍ରୟାସ ଅସୀମ ଅଟେ ଯାହାକି ଆମର ଅଭିଜ୍ଞତାକୁ ସୃଷ୍ଟି କରିବାର ପ୍ରତିଶ୍ରୁତିବଦ୍ଧତାକୁ ଗ୍ରାହକ ମାନଙ୍କ ଆତ୍ମତୃପ୍ତି ପାଇଁ ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିଛି। ବାସ୍ ସହିତ, ଆମେ ବଜାରରେ ନିରବଚ୍ଛିନ୍ନ ଭାବରେ ଇଲେକ୍ଟ୍ରିକ୍ କାର ଶିଳ୍ପରେ ଏକ କୀର୍ତିମାନ ସ୍ତମ୍ଭ ସୃଷ୍ଟି କରିପାରିଛୁ। ଏହା ଆମର ପ୍ରାଧାନ୍ୟତାକୁ ଧରି ରଖିବା ସହିତ ବିଭିନ୍ନ ପ୍ରକାରର ଆର୍ଥିକ ସହାୟତା ଗୋଷ୍ଠୀମାନଙ୍କ ଜରିଆରେ ଏହି ଇଭିକୁ ଗ୍ରହଣ କରିବା ଦିଗରେ ଏକ ତ୍ୱରିତ ସକ୍ଷମତା ପ୍ରଦାନ କରିପାରିଛି।

## ଦୁବାଇରେ ସମୟ ବିତାଉଛନ